# ଭାରତ ଗେଜେଟ୍

## ଅସାଧାରଣ

## ଭାଗ - II ଖଣ୍ଡ I

## କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ

---

**ସଂଖ୍ୟା - 39 ନୂଆଦିଲ୍ଲୀ, ଗୁରୁବାର, ଅଗଷ୍ଟ - 27, 2009, ଭାଦ୍ର 5, 1931**

---

ଏହି ଭାଗରେ ଅଲଗା ପୃଷ୍ଠା ସଂଖ୍ୟା ଦିଆଯାଇଛି ଯାହାଦ୍ୱାରା ଏହାକୁ ଅଲଗା ସଂକଳନ ଭାବେ ନଥିଭୁକ୍ତ କରାଯାଇପାରେ ।

**ଆଇନ ଓ ନ୍ୟାୟ, ମନ୍ତ୍ରାଳୟ**
**(ବୈଧାନିକ ବିଭାଗ)**

ନୂଆଦିଲ୍ଲୀ, 27, ଅଗଷ୍ଟ, ଭାଦ୍ର 5, 1931 (ଶକ)

ସଂସଦର ନିମ୍ନ ଅଧିନିୟମ 26 ଅଗଷ୍ଟ 2009 ରେ ରାଷ୍ଟ୍ରପତିଙ୍କ ସମ୍ମତି ଲାଭକଲା ଏବଂ ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି :-

**ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁମାନଙ୍କ ଅଧିକାର ଅଧିନିୟମ, 2009**

(2009 ର ସଂଖ୍ୟା 35)

ଛଅରୁ ଚଉଦ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା ନିମନ୍ତେ ଏକ ଅଧିନିୟମ

ଭାରତୀୟ ସାଧାରଣତନ୍ତ୍ରର 60 ତମ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ବିଧାନ କରାଗଲା :-

# ପ୍ରଥମ ଅଧ୍ୟାୟ

# ପ୍ରାକ୍ କଥନ

1\. (1) ଏହି ଅଧିନିୟମକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁମାନଙ୍କ ଅଧିକାର ଅଧିନିୟମ, 2009 କୁହାଯାଇପାରେ । ସଂକ୍ଷିପ୍ତ ଶୀର୍ଷକ ପରିସର ଏବଂ ଆରମ୍ଭ

(2) କେବଳ ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ଛାଡି ଭାରତର ସବୁଆଡେ ଏହା ଲାଗୁ ହେବ ।

(3) କେନ୍ଦ୍ର ସରକାର ସରକାରୀ ରାଜପତ୍ରରେ ବିଜ୍ଞପ୍ତି ଦ୍ୱାରା ଯେଉଁଦିନ ସ୍ଥିର କରିବେ ଏହା ସେହି ଦିନଠାରୁ କାର୍ଯ୍ୟକାରୀ ହେବ ।

**2.** ଏହି ଅଧିନିୟମରେ ସଂଯୋଜିତ ପ୍ରସଙ୍ଗଗୁଡ଼ିକ ଭିନ୍ନ ଅର୍ଥ ଆବଶ୍ୟକ କରୁନଥିଲେ । ସଂଜ୍ଞା ନିରୂପଣ

(a) ``ଉପଯୁକ୍ତ ସରକାର`` ଅର୍ଥ -

(i) କେନ୍ଦ୍ର ସରକାରଙ୍କ ଦ୍ୱାରା ବା ବିଧାନ ସଭା ନଥିବା କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସକଙ୍କ ଦ୍ୱାରା ପ୍ରତିଷ୍ଠିତ, ସ୍ୱତ୍ତାଧୀନ ବା ନିୟନ୍ତ୍ରିତ ବିଦ୍ୟାଳୟ କ୍ଷେତ୍ରରେ, କେନ୍ଦ୍ର ସରକାର

(ii) ଉପଖଣ୍ଡ (1) ରେ ଦିଆଯାଇଥିବା ବିଦ୍ୟାଳୟ ଗୁଡ଼ିକ ବ୍ୟତୀତ ଅନ୍ୟ ବିଦ୍ୟାଳୟ ଯେଉଁ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବ, ସେ କ୍ଷେତ୍ରରେ

(A) ଗୋଟିଏ ରାଜ୍ୟରେ, ରାଜ୍ୟ ସରକାର

(B) ବିଧାନ ସଭାଥିବା କେନ୍ଦ୍ର ଶାସିତ ଅଞ୍ଚଳରେ ସେହି କେନ୍ଦ୍ର ଶାସିତ ଅଞ୍ଚଳର ସରକାର

(b) ``ମୁଣ୍ଡପିଚ୍ଛା ଦେୟ`` ଅର୍ଥାତ୍ ବିଦ୍ୟାଳୟ ଦ୍ୱାରା ଅଧିସୂଚୀତ ହୋଇଥିବା ଦେୟକୁ ଛାଡ଼ି ଅନ୍ୟ କୌଣସି ପ୍ରକାରର ଦେୟ କିମ୍ବା ଦାନ କିମ୍ବା ଅର୍ଥ ଦାବୀ ।

(c) ``ଶିଶୁ`` ଅର୍ଥାତ୍ ଛଅରୁ ଚଉଦ ବର୍ଷ ବୟସର ବାଳକ କିମ୍ବା ବାଳିକା

(d) ``ଅସୁବିଧା ଭୋଗ କରୁଥିବା ଶ୍ରେଣୀର ଶିଶୁ`` ଅର୍ଥାତ୍ ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ଶ୍ରେଣୀ କିମ୍ବା ଏହିପରି ଅନ୍ୟାନ୍ୟ ଶ୍ରେଣୀ ଯେଉଁମାନଙ୍କର ସାମାଜିକ, ସାଂସ୍କୃତିକ, ଆର୍ଥିକ, ଭୌଗୋଳିକ, ଭାଷାଗତ, ଲିଙ୍ଗଗତ କିମ୍ବା ଉପଯୁକ୍ତ ସରକାରଙ୍କ ଦ୍ୱାରା

ଅଧିସୂଚନା ମାଧ୍ୟମରେ ସ୍ଥିରୀକୃତ କରାଯାଇଥିବା ଅନ୍ୟାନ୍ୟ କାରଣ ଦୃଷ୍ଟିରୁ ଅସୁବିଧା ରହିଛି ।

(e) ``ଦୁର୍ବଳ ଶ୍ରେଣୀର ଶିଶୁ`` ଅର୍ଥାତ୍ ଉପଯୁକ୍ତ ସରକାରଙ୍କ ଦ୍ୱାରା ଅଧିସୂଚନା ମାଧ୍ୟମରେ ସ୍ଥିରୀକୃତ କରାଯାଇଥିବା ନ୍ୟୂନତମ ସୀମାଠାରୁ ବାର୍ଷିକ ଆୟ କମ୍‌ଥିବା ପିତାମାତା ବା ଅଭିଭାବକଙ୍କ ଶିଶୁ ।

(f) ``ପ୍ରାଥମିକ ଶିକ୍ଷା`` ଅର୍ଥାତ୍ ପ୍ରଥମଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା

(g) ``ଅଭିଭାବକ`` କହିଲେ ଗୋଟିଏ ଶିଶୁ କ୍ଷେତ୍ରରେ ସେହି ଶିଶୁର ଯତ୍ନ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ବ୍ୟକ୍ତିଙ୍କୁ ବୁଝାଏ ଏବଂ ଏଥିରେ ତାର ପ୍ରାକୃତିକ ଅଭିଭାବକ, ନିଯୁକ୍ତ ଅଭିଭାବକ କିମ୍ବା କୋର୍ଟ କିମ୍ବା ଆଇନ୍ ଦ୍ୱାରା ଘୋଷିତ ଅଭିଭାବକ ଅନ୍ତର୍ଭୁକ୍ତ ।

(h) ``ସ୍ଥାନୀୟ କର୍ତ୍ତୃପକ୍ଷ`` ଅର୍ଥ ମହାନଗର ନିଗମ କିମ୍ବା ପୌର ପରିଷଦ, କିମ୍ବା ଜିଲ୍ଲା ପରିଷଦ କିମ୍ବା ନଗର ପଞ୍ଚାୟତ କିମ୍ବା ପଞ୍ଚାୟତ ଆଦି ଯେକୌଣସି ନାମରେ ନାମିତ କର୍ତ୍ତୃପକ୍ଷ ଏବଂ ବିଦ୍ୟାଳୟ ଉପରେ ପ୍ରଶାସନିକ ନିୟନ୍ତ୍ରଣର କ୍ଷମତା ଥିବା କର୍ତ୍ତୃପକ୍ଷ ଓ କୌଣସି ନଗର, ସହର ବା ଗ୍ରାମରେ ବିଦ୍ୟାଳୟର କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରିବା ପାଇଁ ବର୍ତ୍ତମାନ ପ୍ରଚଳିତ ଆଇନ ଦ୍ୱାରା କ୍ଷମତା ପ୍ରାପ୍ତ ହୋଇଥିବା ସଂସ୍ଥା

(i) ``ଶିଶୁ ଅଧିକାରଗୁଡ଼ିକର ସୁରକ୍ଷା ନିମନ୍ତେ ଜାତୀୟ ଆୟୋଗ `` ଅର୍ଥ ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ଆୟୋଗ ଅଧିନିୟମ, 2005 (2006 ର ଅଧିନିୟମ 4) ର ଧାରା 3 ରେ ଶିଶୁ ଅଧିକାର ଗୁଡ଼ିକର ସୁରକ୍ଷା ନିମନ୍ତେ ଗଠିତ ଜାତୀୟ ଆୟୋଗ,

(j) ``ବିଜ୍ଞପ୍ତି`` ଅର୍ଥ ସରକାରୀ ରାଜପତ୍ରରେ ପ୍ରକାଶିତ ବିଜ୍ଞପ୍ତି

(k) ``ପିତାମାତା`` ଅର୍ଥ ପ୍ରାକୃତିକ କିମ୍ବା ସାବତ କିମ୍ବା ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ପିତାମାତା

(l) ``ଧାର୍ଯ୍ୟ`` ଅର୍ଥ ଏହି ଅଧିନିୟମରେ ନିୟମ ଅନୁସାରେ ଧାର୍ଯ୍ୟ

(m) ``ଅନୁସୂଚୀ`` ଅର୍ଥ ଏହି ଅଧିନିୟମରେ ସଂଯୁକ୍ତ କରାଯାଇଥିବା ଅନୁସୂଚୀ

(n) ``ବିଦ୍ୟାଳୟ`` ଅର୍ଥ ପ୍ରାଥମିକ ଶିକ୍ଷା ଯୋଗାଉଥିବା କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଏବଂ ଏଥିରେ ଅନ୍ତର୍ଭୁକ୍ତ :-

(i) ଉପଯୁକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିଷ୍ଠିତ, ସ୍ୱତ୍ତ୍ୱାଧିକାର ଥିବା ବା ନିୟନ୍ତ୍ରିତ ବିଦ୍ୟାଳୟ

(ii) ଉପଯୁକ୍ତ ସରକାର ବା ଆଞ୍ଚଳିକ କର୍ତ୍ତୃପକ୍ଷଙ୍କଠାରୁ ସଂପୂର୍ଣ୍ଣଭାବେ ବା ଆଂଶିକ ଭାବେ ନିଜର ଖର୍ଚ୍ଚ ବାବଦରେ ସାହାଯ୍ୟ ବା ଅନୁଦାନ ହିସାବରେ ପାଉଥିବା ଏକ ସହାୟତାପ୍ରାପ୍ତ ବିଦ୍ୟାଳୟ

(iii) ସ୍ୱତନ୍ତ୍ର ଶ୍ରେଣୀର ଏକ ବିଦ୍ୟାଳୟ

(iv) ଉପଯୁକ୍ତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଏହାର ଖର୍ଚ୍ଚନିମନ୍ତେ କୌଣସି ପ୍ରକାର ସହାୟତା ବା ଅନୁଦାନ ପାଉନଥିବା ଏକ ଅଣସହାୟତା ପ୍ରାପ୍ତ ବିଦ୍ୟାଳୟ

(o) ``ଚୟନ ପ୍ରକ୍ରିୟା`` ଅର୍ଥ ଗୋଟିଏ ଶିଶୁର ବିଦ୍ୟାଳୟରେ ପ୍ରବେଶାନୁମତି ଦେବା ନିମନ୍ତେ ଲକ୍ଷ୍ୟହୀନ ଭାବରେ ଚୟନ କରାନଯାଇ ଜଣକଠାରୁ ଆଉଜଣକୁ ଉପଯୁକ୍ତ ବୋଲି ସ୍ଥିର କରି ଚୟନ କରିବା ପ୍ରକ୍ରିୟା

(p) ବିଦ୍ୟାଳୟ କ୍ଷେତ୍ରରେ `ସ୍ୱତନ୍ତ୍ର ଶ୍ରେଣୀ` କହିଲେ କେନ୍ଦ୍ରୀୟ, ବିଦ୍ୟାଳୟ ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ ଭଳି ସ୍କୁଲକୁ ବା କୌଣସି ବିଶେଷ ଗୁଣ ଆଧାରରେ ଉପଯୁକ୍ତ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ବଳରେ ପୃଥକ କରାଯାଇଥିବା ଅନ୍ୟ କୌଣସି ବିଦ୍ୟାଳୟକୁ ବୁଝାଯିବ।

(q) `ଶିଶୁ ଅଧିକାର ସୁରକ୍ଷା ପାଇଁ ରାଜ୍ୟ ଆୟୋଗ ` ଅର୍ଥ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧିନିୟମ, 2005 (2006 ର ଅଧିନିୟମ 4) ର ଧାରା 3 ଅନୁସାରେ ଶିଶୁମାନଙ୍କ ଅଧିକାର ସୁରକ୍ଷା ନିମନ୍ତେ ଗଠିତ ରାଜ୍ୟ ଆୟୋଗ ।

## ଦ୍ୱିତୀୟ ଅଧ୍ୟାୟ

## ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର

ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁର ଅଧିକାର

3. (1) ଛଅରୁ ଚଉଦ ବର୍ଷ ବୟସର ପ୍ରତ୍ୟେକ ଶିଶୁର ପ୍ରାଥମିକ ଶିକ୍ଷା ଶେଷ ପର୍ଯ୍ୟନ୍ତ ନିକଟବର୍ତ୍ତୀ ବିଦ୍ୟାଳୟରେ ମାଗଣା ଏବଂ ବାଧ୍ୟତା ମୂଳକ ଶିକ୍ଷା ପାଇବା ଅଧିକାର ରହିବ ।

(2) ଉପଧାରା (1) ନିମନ୍ତେ କୌଣସି ଶିଶୁକୁ କୌଣସି ପ୍ରକାର ଚାନ୍ଦା କିମ୍ବା ମୂଲ୍ୟ ବା ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ ଯାହା ତାକୁ ଅଧିକ ପଢ଼ିବା ଓ ପ୍ରାଥମିକ ଶିକ୍ଷା ସମାପ୍ତ କରିବାରେ ବାଧା ସୃଷ୍ଟି କରିପାରେ ।

ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ (ସମାନ ସୁବିଧା ସୁଯୋଗ, ସୁରକ୍ଷା ଏବଂ ସଂପୂର୍ଣ୍ଣ ଅଂଶ ଗ୍ରହଣ ) ଅଧିନିୟମ, (1996 ର 1) ଧାରା 2 ର ଖଣ୍ଡ (i) ଅନୁସାରେ ଶିଶୁଟି ଅକ୍ଷମ ହୋଇଥିଲେ ଉକ୍ତ ଅଧିନିୟମର ଅଧ୍ୟାୟ V ରେ ଥିବା ବ୍ୟବସ୍ଥା ଅନୁସାରେ ମାଗଣା ଏବଂ ବାଧ୍ୟତା ମୂଳକ ପ୍ରାଥମିକ ଶିକ୍ଷା ପାଇପାରିବେ । 1996 ର 1

ଯେଉଁ ଶିଶୁମାନେ ସ୍କୁଲରେ ନାମ ଲେଖାଇନାହାନ୍ତି ବା ଯେଉଁମାନେ ପ୍ରାଥମିକ ଶିକ୍ଷା ସମାପ୍ତ କରି ନାହାନ୍ତି ସେମାନଙ୍କ ନିମ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା

4. ଯେଉଁଠାରେ ଜଣେ ଛଅ ବର୍ଷରୁ ଊର୍ଦ୍ଧ ବୟସର ଶିଶୁ କୌଣସି ସ୍କୁଲରେ ନାମ ଲେଖାଇନାହିଁ କିମ୍ବା ଯଦି ସ୍କୁଲକୁ ଯାଇ ପ୍ରାଥମିକ ଶିକ୍ଷା ସମାପ୍ତ କରି ପାରିଲା ନାହିଁ ତାହାହେଲେ ସେ ତାହାର ବୟସ ଉପଯୋଗୀ ଗୋଟିଏ ଶ୍ରେଣୀରେ ନାମ ଲେଖାଇବ । ଯେଉଁଠାରେ ସିଧାସଳଖ ଭାବରେ ଗୋଟିଏ ଶିଶୁକୁ ତାହାର ବୟସ ଅନୁସାରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇ ଦିଆଯାଏ ସେଠାରେ ଉକ୍ତ ଶିଶୁର ଅନ୍ୟ ଶିଶୁମାନଙ୍କ ସହିତ ସମକକ୍ଷ ହେବା ନିମନ୍ତେ ସ୍ୱତନ୍ତ୍ର ତାଲିମ ପାଇବାର ଅଧିକାର ରହିଅଛି ଏବଂ ସେହି କ୍ଷେତ୍ରରେ ଏପରି ତାଲିମ ଏବଂ ସମୟ ସୀମା ଧାର୍ଯ୍ୟ କରାଯାଇପାରେ ଯେପରି ପ୍ରାଥମିକ ଶିକ୍ଷାରେ ପ୍ରବେଶ କରିଥିବା ଶିଶୁ 14 ବର୍ଷ ବୟସ ପରେ ମଧ୍ୟ ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇ ପାରିବ ।

5. (1) ଯେଉଁଠାରେ ଗୋଟିଏ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବାର ବ୍ୟବସ୍ଥା ନାହିଁ ସେଠାରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପାଇଁ ଧାରା 2 ର ଖଣ୍ଡ (ଏନ୍) ର ଉପଖଣ୍ଡ (iii) ଏବଂ (iv) ରେ ସ୍ୱତନ୍ତ୍ର ଭାବେ କୁହାଯାଇଥିବା ବିଦ୍ୟାଳୟକୁ ଛାଡି ଅନ୍ୟ ଯେ କୌଣସି ବିଦ୍ୟାଳୟକୁ ଯିବାର ଅଧିକାର ରହିବ ।

(2) ରାଜ୍ୟ ମଧ୍ୟରେ କିମ୍ବା ରାଜ୍ୟ ବାହାରେ, ଯେ କୌଣସି କାରଣ ପାଇଁ ହେଉପଛେ, ଯେଉଁଠାରେ ଗୋଟିଏ ଶିଶୁ ଗୋଟିଏ ବିଦ୍ୟାଳୟକୁ ଛାଡି ଅନ୍ୟ ବିଦ୍ୟାଳୟକୁ ଯିବାର ଆବଶ୍ୟକତା ରହିଛି ସେଠାରେ ଯେ କୌଣସି ବିଦ୍ୟାଳୟକୁ ଧାରା 2 ର ଖଣ୍ଡ (ଏନ୍) ଉପଖଣ୍ଡ (iii) ଓ (iv)ରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟକୁ ଛାଡ଼ି ଶିଶୁଟିର ପ୍ରାଥମିକ ଶିକ୍ଷା ସମାପ୍ତି ପାଇଁ ଯିବାର ଅଧିକାର ରହିବ ।

( 3) ଏହିଭଳି ଅନ୍ୟ ବିଦ୍ୟାଳୟରେ ପ୍ରବେଶାନୁମତି ନିମନ୍ତେ ପୂର୍ବରୁ ଯେଉଁ ବିଦ୍ୟାଳୟରେ ଏହି ଶିଶୁଟିର ନାମ ଲେଖାଯାଇଥିଲା ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବା ବିଦ୍ୟାଳୟର ଭାରପ୍ରାପ୍ତ ବ୍ୟକ୍ତି ବଦଳି ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବେ ।

ଏପରି କ୍ଷେତ୍ରରେ ବଦଳି ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ଅନ୍ୟ ବିଦ୍ୟାଳୟରେ ପ୍ରବେଶାନୁମତି ଦେବାରେ ବିଳମ୍ବ ବା ନଦେବାର ଏକ କାରଣ ହେବନାହିଁ ।

ବଦଳି ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ କରୁଥିବା ପ୍ରଧାନ ଶିକ୍ଷକ ବା ବିଦ୍ୟାଳୟର ଭାରପ୍ରାପ୍ତ ବ୍ୟକ୍ତି ତାଙ୍କ ପ୍ରତି ପ୍ରଯୋଜ୍ୟ ହେଉଥିବା ଚାକିରି ନିୟମାବଳୀ ଅନୁସାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ।

## ତୃତୀୟ ଅଧ୍ୟାୟ

## ଉପଯୁକ୍ତ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଓ ପିତାମାତାଙ୍କ କର୍ତ୍ତବ୍ୟ

ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ

(6) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଉପଯୁକ୍ତ ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଅଧିନିୟମ ଆରମ୍ଭ ହେବାର ତିନି ବର୍ଷ ମଧ୍ୟରେ ଏହି ଅଞ୍ଚଳ କିମ୍ବା ପଡୋଶୀ ସୀମା ମଧ୍ୟରେ, ଯେଉଁ କ୍ଷେତ୍ରରେ ଯେପରି ଧାର୍ଯ୍ୟ କରାଯାଇପାରେ, ବିଦ୍ୟାଳୟ ପ୍ରତିଷ୍ଠିତ ହୋଇନଥିଲେ ଗୋଟିଏ ବିଦ୍ୟାଳୟ, ପ୍ରତିଷ୍ଠା କରିବେ।

ଆର୍ଥିକ ଏବଂ ଅନ୍ୟାନ୍ୟ ଦାୟିତ୍ୱ ଭାଗ କରିବା

7. (1) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ପାଣ୍ଠି ଯୋଗାଇ ଦେବା ସକାଶେ କେନ୍ଦ୍ରସରକାର ଏବଂ ରାଜ୍ୟ ସରକାରଙ୍କର ମିଳିତ ଦାୟିତ୍ୱ ରହିବ ।

(2) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ କେନ୍ଦ୍ରସରକାର ପୁଞ୍ଜି ଏବଂ ପୁନଃପୌନିକ ବ୍ୟୟର ଆକଳନ ପ୍ରସ୍ତୁତି କରିବେ ।

(3) କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହିତ ପରାମର୍ଶକରି ବିଭିନ୍ନ ସମୟ୍ରେ ଯେତିକି ସ୍ଥିର କରିବେ, ଉପଧାରା (2) ରେ ଦିଆଯାଇଥିବା ବ୍ୟବସ୍ଥା ଅନୁସାରେ ଖର୍ଚ୍ଚର ସେତିକି ଶତାଂଶ ରାଜସ୍ୱ ଅନୁଦାନ ହିସାବରେ ରାଜ୍ୟ ସରକାରମାନଙ୍କୁ ଯୋଗାଇଦେବେ।

(4) ଅନୁଚ୍ଛେଦ 280 ଖଣ୍ଡ (3) ର ଉପଖଣ୍ଡ (d) ଅନୁସାରେ କୌଣସି ରାଜ୍ୟକୁ ଯୋଗାଇ ଦିଆଯିବାକୁ ଥିବା ଅତିରିକ୍ତ ସାଧନର ଆବଶ୍ୟକତା ସଂପର୍କରେ ପରୀକ୍ଷା କରିବାକୁ ଅର୍ଥଆୟୋଗ ଙ୍କୁ ନିର୍ଦ୍ଦେଶ ଦେବାପାଇଁ କେନ୍ଦ୍ରସରକାର ରାଷ୍ଟ୍ରପତିଙ୍କୁ ଅନୁରୋଧ କରିପାରନ୍ତି ଯଦ୍ଦ୍ୱାରା ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଉକ୍ତ ରାଜ୍ୟ ସରକାର ପାଣ୍ଠିର ତାଙ୍କ ଅଂଶ ଦେଇପାରିବେ।

(5) ଉପଧାରା (4) ରେ ଯାହା ଥାଉନା କାହିଁକି, ରାଜ୍ୟ ସରକାର ଉପଧାରା (3) ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଅର୍ଥର ପରିମାଣ ଏବଂ ଏହାର ଅନ୍ୟାନ୍ୟ ସାଧନକୁ ବିଚାରକୁ ନେଇ, ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପାଣ୍ଠି ଯୋଗାଇବା ପାଇଁ ଦାୟୀ ରହିବେ।

(6) କେନ୍ଦ୍ର ସରକାରଙ୍କ କର୍ତ୍ତବ୍ୟ -

(a) ଧାରା 29 ରେ ନିର୍ଦ୍ଧାରିତ ହୋଇଥିବା ବିଦ୍ୟାଳୟ ସଂକ୍ରାନ୍ତ କର୍ତ୍ତୃପକ୍ଷଙ୍କ ସହାୟତାରେ ଜାତୀୟ ପାଠ୍ୟକ୍ରମର ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବେ ।

(b) ଶିକ୍ଷକମାନଙ୍କର ତାଲିମ ନିମନ୍ତେ ମାନକ ପ୍ରସ୍ତୁତ କରିବେ ଏବଂ କାର୍ଯ୍ୟକାରୀ କରିବେ ।

(c) ରାଜ୍ୟ ସରକାରଙ୍କୁ ନୂତନ ପ୍ରଥାର ପ୍ରବର୍ତ୍ତନ, ଗବେଷଣା, ଯୋଜନା ଏବଂ ସାମର୍ଥ୍ୟ ଅଭିବୃଦ୍ଧିର ବିକାଶ ପାଇଁ ବୈଷୟିକ ଏବଂ ସାଧନ ସହାୟତା ଯୋଗାଇଦେବେ ।

(8) ଉପଯୁକ୍ତ ସରକାରଙ୍କ କର୍ତ୍ତବ୍ୟ -

(a) ପ୍ରତ୍ୟେକ ଶିଶୁକୁ ମାଗଣା ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଯୋଗାଇଦେବେ ।

ଅଧିକନ୍ତୁ ଯେଉଁଠାରେ ଗୋଟିଏ ଶିଶୁର ପିତାମାତା ବା ଅଭିଭାବକ, ଯିଏ ହୁଅନ୍ତୁ ନା କାହିଁକି, ଶିଶୁର ନାମ, ଉପଯୁକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ

ଦ୍ୱାରା ପ୍ରତିଷ୍ଠିତ, ସ୍ୱତ୍ତ୍ୱାଧୀନ,  ନିୟନ୍ତ୍ରିତ ଏବଂ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଯଥେଷ୍ଟ ଅର୍ଥ ପାଉଥିବା ବିଦ୍ୟାଳୟରେ ନଲେଖାଇ ଅନ୍ୟ ବିଦ୍ୟାଳୟରେ ଲେଖାଇଲେ, ଏହି ଶିଶୁ କିମ୍ବା ତାର ପିତାମାତା ବା ଅଭିଭାବକ ଯେ କେହି ହୁଅନ୍ତୁନା କାହିଁକି ଅନ୍ୟ ବିଦ୍ୟାଳୟରେ ଶିଶୁର ପ୍ରାଥମିକ ଶିକ୍ଷାରେ ଖର୍ଚ୍ଚ ହୋଇଥିବା ଅର୍ଥ ଫେରାଇ ନେବାପାଇଁ ଦାବି କରି ପାରିବେ ନାହିଁ ।

ବ୍ୟାଖ୍ୟା - `ବାଧ୍ୟତାମୂଳକ ଶିକ୍ଷା` ର ଅର୍ଥ ସରକାର ଏହିସବୁ କରିବାକୁ ବାଧ୍ୟ

(i) ଛଅରୁ ଚଉଦ ବର୍ଷ ବୟସର ପ୍ରତ୍ୟେକ ଶିଶୁକୁ ମାଗଣା ପ୍ରାଥମିକ ଶିକ୍ଷା ଯୋଗାଇବା; ଏବଂ

(ii) ଛଅରୁ ଚଉଦ ବର୍ଷ ବୟସର ପ୍ରତ୍ୟେକ ଶିଶୁର ନାମଲେଖା, ଉପସ୍ଥାନ ଏବଂ ପ୍ରାଥମିକ ଶିକ୍ଷାର ସମାପ୍ତି ନିଶ୍ଚିତ କରିବା

(b) ଧାରା 6 ରେ ସ୍ୱତନ୍ତ୍ର ଭାବେ ଦିଆଯାଇଥିବା ବ୍ୟବସ୍ଥା ଅନୁସାରେ ଆଖପାଖରେ ବିଦ୍ୟାଳୟର ସ୍ଥିତି ନିଶ୍ଚିତ କରିବା

(c) ଦୁର୍ବଳ ଶ୍ରେଣୀର ଶିଶୁ ଏବଂ ସୁବିଧାରୁ ବଞ୍ଚିତ ଗୋଷ୍ଠୀର ଶିଶୁମାନଙ୍କ ପ୍ରତି ଯେପରି କୌଣସି ପାତର ଅନ୍ତର କରାନଯାଏ ଏବଂ ପ୍ରାଥମିକ ଶିକ୍ଷା ଚାଲୁରଖି ଶେଷ କରିବା ପର୍ଯ୍ୟନ୍ତ ଯେପରି କୌଣସି କାରଣରୁ ବାଧା ସୃଷ୍ଟି ନହୁଏ ତାହା ନିଶ୍ଚିତ କରିବା

(d) ବିଦ୍ୟାଳୟ ଗୃହ, ଶିକ୍ଷକ ଏବଂ ଶିକ୍ଷା ଉପକରଣ ସହିତ ଭିତ୍ତିଭୂମି ଯୋଗାଇଦେବା

(e) ଧାରା 4 ରେ ଦିଆଯାଇଥିବା ସ୍ୱତନ୍ତ୍ର ପ୍ରଶିକ୍ଷଣ ସୁବିଧା ଯୋଗାଇଦେବା

(f) ପ୍ରତ୍ୟେକ ଶିଶୁର ନାମଲେଖା (ପ୍ରବେଶ), ଉପସ୍ଥାନ ଏବଂ ପ୍ରାଥମିକ ଶିକ୍ଷାର ସମାପ୍ତି ନିଶ୍ଚିତ କରିବା ଏବଂ ପର୍ଯ୍ୟବେକ୍ଷଣ କରିବା

(g) ତାଲିକାରେ ଧାର୍ଯ୍ୟ କରାଯାଇଥିବା ମାନ ତଥା ନିୟମ ଅନୁସାରେ ଗୁଣାତ୍ମକ ମାନର ପ୍ରାଥମିକ ଶିକ୍ଷା ପ୍ରଦାନ ନିଶ୍ଚିତ କରିବା

(h) ପ୍ରାଥମିକ ଶିକ୍ଷା ନିମନ୍ତେ ଯଥା ସମୟରେ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବା ଏବଂ ଶିକ୍ଷାର ବିଷୟବସ୍ତୁ ନିର୍ଦ୍ଧାରଣ ନିଶ୍ଚିତ କରିବା; ଏବଂ

(i) ଶିକ୍ଷକ ମାନଙ୍କୁ ତାଲିମ ସୁବିଧା ଯୋଗାଇଦେବା

୨. ପ୍ରତ୍ୟେକ ସ୍ଥାନୀୟ କର୍ତ୍ତୃପକ୍ଷ

ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ

(a) ପ୍ରତ୍ୟେକ ଶିଶୁକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବେ । ପୁନଶ୍ଚ ଯେଉଁଠାରେ ଗୋଟିଏ ଶିଶୁର ନାମ ତାର ପିତାମାତା କିମ୍ବା ଅଭିଭାବକଙ୍କ ଦ୍ୱାରା, ଉପଯୁକ୍ତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିଷ୍ଠିତ, ସ୍ୱତ୍ତ୍ୱାଧୀନ ନିୟନ୍ତ୍ରିତ କିମ୍ବା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯଥେଷ୍ଟ ଆର୍ଥିକ ସାହାଯ୍ୟ ପାଉଥିବା ବିଦ୍ୟାଳୟ ଛଡ଼ା ଅନ୍ୟ ବିଦ୍ୟାଳୟରେ ଲେଖାଇ ଦିଆଯାଏ ତାହାହେଲେ ସେହି ଶିଶୁ କିମ୍ବା ତାର ପିତାମାତା ବା ଅଭିଭାବକ ଯିଏ କେହି ହୁଅନ୍ତୁନା କାହିଁକି, ଅନ୍ୟ ସ୍କୁଲରେ ଶିଶୁର ପ୍ରାଥମିକ ସାକ୍ଷରତା ନିମନ୍ତେ କରାଯାଇଥିବା ଖର୍ଚ୍ଚ ଫେରି ପାଇବା ନିମନ୍ତେ ଦାବି କରିପାରିବେ ନାହିଁ।

(b) ଧାରା 6 ରେ ଦିଆଯାଇଥିବା ବ୍ୟବସ୍ଥା ଅନୁସାରେ ଆଖପାଖରେ ବିଦ୍ୟାଳୟ ଥିବା ନିଶ୍ଚିତ କରିବା

(c) ଦୁର୍ବଳ ଶ୍ରେଣୀର ଶିଶୁ ଏବଂ ସୁବିଧାରୁ ବଞ୍ଚିତ ଗୋଷ୍ଠୀର ଶିଶୁଙ୍କ ପ୍ରତି ଯେପରି ପାତର ଅନ୍ତର କରାନଯାଏ ଏବଂ ପ୍ରାଥମିକ ଶିକ୍ଷା ଚାଲୁରଖି ଏହାର ଶେଷ ପର୍ଯ୍ୟନ୍ତ ଯେପରି କୌଣସି କାରଣରୁ ବାଧା ନ ଆସେ ତାହା ନିଶ୍ଚିତ କରିବା

(d) ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କର ଦଲିଲପତ୍ର ଧାର୍ଯ୍ୟ କରାଯାଇଥିବା ରୀତି ଅନୁସାରେ ରକ୍ଷଣା ବେକ୍ଷଣ କରିବା

(e) ଏହାର କ୍ଷମତାପରିସର ମଧ୍ୟରେ ଥିବା ପ୍ରତ୍ୟେକ ଶିଶୁର ନାମଲେଖା, ଉପସ୍ଥାନ ଏବଂ ପ୍ରାଥମିକ ଶିକ୍ଷା ସମାପ୍ତିକୁ ନିଶ୍ଚିତ କରିବା ଏବଂ ତଦାରଖ କରିବା

(f) ବିଦ୍ୟାଳୟ ଗୃହ, ଶିକ୍ଷା କର୍ମଚାରୀ ଏବଂ ଶିକ୍ଷଣ ସାମଗ୍ରୀ ସହିତ ଭିତ୍ତିଭୂମି ଯୋଗାଇଦେବା

(g) ଧାରା 4 ରେ ଦିଆଯାଇଥିବା ସ୍ୱତନ୍ତ୍ର ତାଲିମ ସୁବିଧା ଯୋଗାଇ ଦେବା

(h) ଅନୁସୂଚୀରେ ନିର୍ଦ୍ଦିଷ୍ଟ କରାଯାଇଥିବା ମାନ ଏବଂ ନିୟମ ଅନୁସାରେ ଉତ୍ତମ ମାନର ପ୍ରାଥମିକ ଶିକ୍ଷା ନିଶ୍ଚିତ କରିବା

(i) ପ୍ରାଥମିକ ଶିକ୍ଷା ନିମନ୍ତେ ଯଥାସମୟରେ ପାଠ୍ୟକ୍ରମ ଓ ଶିକ୍ଷାର ବିଷୟବସ୍ତୁ ଧାର୍ଯ୍ୟ କରାଯିବାକୁ ନିଶ୍ଚିତ କରିବା ।

(j) ଶିକ୍ଷକ ମାନଙ୍କୁ ତାଲିମ ସୁବିଧା ଯୋଗାଇ ଦେବା

(k) ସ୍ଥାନାନ୍ତରିତ ପରିବାରର ଶିଶୁମାନଙ୍କ ନାମଲେଖା ନିଶ୍ଚିତ କରିବା

(l) ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା

(m) ଶିକ୍ଷା ପ୍ରଦାନର ଦିନପଞ୍ଜିକା ସ୍ଥିର କରିବା ।

10. ଆଖପାଖରେ ଥିବା ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାରେ ନିଜର ଜନ୍ମିତ ଶିଶୁ ବା ପାଳିତ ଶିଶୁ ଯିଏ ହେଉ ତାର ନାମ ଲେଖାଇବା ଏବଂ ନାମ ଲେଖାରେ ସାହାଯ୍ୟ କରିବା ପ୍ରତ୍ୟେକ ପିତାମାତା କିମ୍ବା ଅଭିଭାବକର  କର୍ତ୍ତବ୍ୟ ହେବ ।

ପିତାମାତା ଓ ଅଭିଭାବକଙ୍କ କର୍ତ୍ତବ୍ୟ

11. ତିନିବର୍ଷରୁ ଊର୍ଦ୍ଧ୍ୱ ବୟସର ଶିଶୁମାନଙ୍କ ପାଇଁ ଶୈଶବ ଆରମ୍ଭରୁ ଛଅ ବର୍ଷ ହେବା ପର୍ଯ୍ୟନ୍ତ ଯତ୍ନ ଓ ଶିକ୍ଷା ଯୋଗାଇ ଦେବାପାଇଁ ଉପଯୁକ୍ତ ସରକାର ଶିଶୁମାନଙ୍କ ପାଇଁ ମାଗଣା ପ୍ରାକ୍ - ବିଦ୍ୟାଳୟ ଶିକ୍ଷା ଯୋଗାଇ ଦେବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିପାରନ୍ତି ।

ଉପଯୁକ୍ତ ସରକାର ପ୍ରାକ-ବିଦ୍ୟାଳୟ ଶିକ୍ଷା ଯୋଗାଇ ଦେବେ

## ଚତୁର୍ଥ ଅଧ୍ୟାୟ

## ବିଦ୍ୟାଳୟଗୁଡ଼ିକର ଏବଂ ଶିକ୍ଷକମାନଙ୍କର ଦାୟିତ୍ୱ

12. ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକ ପାଇଁ, ଏକ ବିଦ୍ୟାଳୟ, -

(a) ଧାରା 2 ର ଖଣ୍ଡ  (n) ର ଉପଖଣ୍ଡ  (ii) ରେ ଧାର୍ଯ୍ୟ କରାଯାଇଥିବା ନୀତି ଅନୁସାରେ ନାମ ଲେଖାଇ ଥିବା ସବୁ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଯୋଗାଇଦେବେ

(b) ଧାରା 2 ର ଖଣ୍ଡ  (n) ର ଉପଖଣ୍ଡ  (ii) ରେ ଧାର୍ଯ୍ୟ କରାଯାଇଥିବ ଅନ୍ୟୂନ  25  ଶତାଂଶ ଶିଶୁଙ୍କୁ ମାଗଣା ଏବଂ ପ୍ରାଥମିକ ଶିକ୍ଷା ଦିଆଯିବ ଏବଂ ଏହାର ବାର୍ଷିକ ଆବର୍ତ୍ତକ ଖର୍ଚ୍ଚ ମିଳିଥିବା ବାର୍ଷିକ ଆବର୍ତ୍ତକ ସହାୟତା ବା ଅନୁଦାନ ମଧ୍ୟରେ ସୀମିତ ରହିବ ।

(c) ଧାରା 2 ର ଅନୁଚ୍ଛେଦ (n) ର ଉପ ଅନୁଚ୍ଛେଦ (iii) , ଏବଂ (iv) ର ନିର୍ଦ୍ଧାରଣ ଅନୁସାରେ ପ୍ରଥମ ଶ୍ରେଣୀ (1) ରେ ସେହି ଶ୍ରେଣୀର କ୍ଷମତାର ଅତି କମ୍‌ରେ 25 ପ୍ରତିଶତ ଆଖପାଖରେ ଥିବା ଦୁର୍ବଳ ଶ୍ରେଣୀର ଶିଶୁ ଓ ସୁବିଧାରୁ ବଞ୍ଚିତ ଗୋଷ୍ଠୀର ଶିଶୁ ନାମଲେଖାଇବେ ଏବଂ ପ୍ରାଥମିକ ଶିକ୍ଷା ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ମାଗଣା ଏବଂ ବାଧ୍ୟତା ମୂଳକ ଶିକ୍ଷା ଦିଆଯିବ ।  ପୁନଶ୍ଚ ଧାରା 2 ର ଅନୁଚ୍ଛେଦ (n) ରେ ନିର୍ଦ୍ଦିଷ୍ଟ

କରାଯାଇଥିବା ପ୍ରାକ୍ -ବିଦ୍ୟାଳୟ୍ ଶିକ୍ଷା ଦେଉଥିବା ଏକ ବିଦ୍ୟାଳୟ୍‌ରେ ନାମ ଲେଖା ନିମନ୍ତେ ଖଣ୍ଡ (a) ରୁ (c) ପର୍ଯ୍ୟନ୍ତ ଥିବା ବ୍ୟବସ୍ଥା ଗୁଡ଼ିକ ଲାଗୁ ହେବ ।

2. ଧାରା 2 ର ଖଣ୍ଡ (n) ଉପ ଖଣ୍ଡ (iv) ରେ ପୃଥକ କରାଯାଇଥିବା ଏବଂ ମାଗଣା ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଯୋଗାଇ ଥିବା ଏକ ବିଦ୍ୟାଳୟ୍ ଉପ ଧାରା (1) ର ଖଣ୍ଡ (c) ର ନିର୍ଦ୍ଧାରଣ ଅନୁସାରେ ପ୍ରତି ଶିଶୁ ପିଚ୍ଛା ରାଜ୍ୟ ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥ, କିମ୍ବା ପ୍ରତି ଶିଶୁଠାରୁ ନିଆଯାଇଥିବା ପ୍ରକୃତ ପରିମାଣର ଅର୍ଥ ମଧ୍ୟରୁ, ଯେଉଁଟି କମ୍ ବା ଯେଉଁ ପରିଭାବରେ ଧାର୍ଯ୍ୟ କରାଯାଇଥିବ, ଫେରି ପାଇବ ।

ପୁନଶ୍ଚ ଧାରା 2 ର ଖଣ୍ଡ (n) ର ଉପ ଖଣ୍ଡ (i) ରେ ଦିଆଯାଇଥିବା ଏକ ବିଦ୍ୟାଳୟ୍ ଦ୍ୱାରା ପ୍ରତି ଶିଶୁ ପିଚ୍ଛା କରାଯାଇଥିବା ଖର୍ଚ୍ଚଠାରୁ ଫେରସ୍ତ ଅର୍ଥର ପରିମାଣ ଅଧିକ ହେବନାହିଁ ।

ପୁନଶ୍ଚ ଗୋଟିଏ ବିଦ୍ୟାଳୟ୍ ମାଗଣାରେ କିମ୍ବା ରିହାତି ଦରରେ କୌଣସି ଜମି, କୋଠାଘର, ଉପକରଣ କିମ୍ବା ଅନ୍ୟାନ୍ୟ ସୁବିଧା ପାଇଥିଲେ ଉକ୍ତ ବିଦ୍ୟଳୟ୍ ନିର୍ଦ୍ଧିଷ୍ଟ ସଂଖ୍ୟକ ଶିଶୁକୁ ମାଗଣା ଶିକ୍ଷାଦେବାପାଇଁ ବାଧ୍ୟ ଏବଂ ଏହି ବ୍ୟୟ୍ ବାବଦ ଅନୁପାତିକ ପରିମାଣର ଅର୍ଥ ଫେରସ୍ତ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

3. ଉପଯୁକ୍ତ ସରକାର ବା ସ୍ଥାନୀୟ୍ କର୍ତ୍ତୃପକ୍ଷଙ୍କୁ ଯିଏ ହୁଅନ୍ତୁ, ସେମାନଙ୍କ ଦ୍ୱାରା ଆବଶ୍ୟକ ହେଉଥିବା ସୂଚନା ପ୍ରତ୍ୟେକ ବିଦ୍ୟାଳୟ୍ ଯୋଗାଇ ଦେବେ ।

ନାମଲେଖା ନିମନ୍ତେ କୌଣସି ଚାନ୍ଦା ବା ବାଛ ବିଚାର ପ୍ରକ୍ରିୟା କରାଯିବ ନାହିଁ

13. (1) କୌଣସି ବିଦ୍ୟାଳୟ୍ କିମ୍ବା ବ୍ୟକ୍ତି ଶିଶୁର ନାମଲେଖା ସମୟ୍‌ରେ କୌଣସି ମୁଣ୍ଡପିଚ୍ଛା ଚାନ୍ଦା ସଂଗ୍ରହ କରିପାରିବେ ନାହିଁ ଏବଂ ଶିଶୁ କିମ୍ବା ତାର ପିତାମାତା ବା ଅଭିଭାବକଙ୍କୁ କୌଣସି ଚୟ୍‌ନ ପ୍ରକ୍ରିୟା ଦେଇ ଯିବାକୁ ହେବ ନାହିଁ।

(2) କୌଣସି ବିଦ୍ୟାଳୟ୍ କିମ୍ବା ବ୍ୟକ୍ତି ଯଦି ଉପ ଧାରା (1) ର ବ୍ୟବସ୍ଥା ଗୁଡ଼ିକୁ ଉଲ୍ଲଂଘନ କରି,

(a) ମୁଣ୍ଡ ପିଚ୍ଛା ଚାନ୍ଦା ନିଅନ୍ତି, ତେବେ ତାଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ ଯାହା ମୁଣ୍ଡ ପିଚ୍ଛା ଆଦାୟ୍ କରାଯାଇଥିବା ଚାନ୍ଦାର ଦଶଗୁଣ ହୋଇପାରେ ।

(b) ଚୟ୍‌ନ ପ୍ରକ୍ରିୟା ଦେଇ ଶିଶୁର ନାମ ଲେଖନ୍ତି ତେବେ ସେଥିପାଇଁ ତାଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ ଯାହା ପ୍ରଥମ ଉଲ୍ଲଂଘନ ପାଇଁ ପଚିଶ

ହଜାର ଟଙ୍କା ଏବଂ ପ୍ରତ୍ୟେକ ପରବର୍ତ୍ତୀ ଉଲ୍ଲଂଘନ ଗୁଡ଼ିକ ପାଇଁ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇପାରେ ।

14. (1) ପ୍ରାଥମିକ ଶିକ୍ଷାରେ ନାମ ଲେଖା ନିମନ୍ତେ ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ଅଧିନିୟମ, 1886 ଅନୁସାରେ ଦିଆଯାଇଥିବା ଜନ୍ମ ପ୍ରମାଣ ପତ୍ର ଭିତ୍ତିରେ ବା ଧାର୍ଯ୍ୟ କରାଯାଇଥିବା ଅନୁରୂପ ଅନ୍ୟ ଦଲିଲ ଭିତ୍ତିରେ ଶିଶୁର ବୟସ ନିର୍ଦ୍ଧାରଣ କରାଯିବ।

ନାମଲେଖା ନିମନ୍ତେ ବୟସ ପ୍ରମାଣ ପତ୍ର

(2) ବୟସ ପ୍ରମାଣପତ୍ର ଅଭାବରୁ କୌଣସି ଶିଶୁକୁ ବିଦ୍ୟାଳୟରେ ନାମଲେଖା ନିମନ୍ତେ ମନା କରାଯିବ ନାହିଁ।

15. ଶିକ୍ଷା ବର୍ଷର ଆରମ୍ଭରୁ କିମ୍ବା ବୃଦ୍ଧି କରାଯାଇଥିବା ସମୟ ମଧ୍ୟରେ ଶିଶୁଟି ବିଦ୍ୟାଳୟରେ ନାମ ଲେଖାଇବ।

ପୁନଶ୍ଚ ବୃଦ୍ଧି କରାଯାଇଥିବା ସମୟ ପରେ ନାମ ଲେଖାଇବାକୁ ଚାହୁଁଥିବା ଶିଶୁକୁ ନାମ ଲେଖାରୁ ବାରଣ କରାଯିବ ନାହିଁ ।

ପୁନଶ୍ଚ ବୃଦ୍ଧି କରାଯାଇଥିବା ସମୟ ସୀମା ପରେ ନାମ ଲେଖାଇ ଥିବା ପ୍ରତ୍ୟେକ ଶିଶୁ ଉପଯୁକ୍ତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପଦ୍ଧତି ଅନୁସାରେ ତାହାର ଶିକ୍ଷା ସମାପ୍ତ କରିବ ।

16. ପ୍ରାଥମିକ ଶିକ୍ଷା ଶେଷ ହେବା ପର୍ଯ୍ୟନ୍ତ, ନାମ ଲେଖାଇ ଥିବା କୌଣସି ଶିଶୁ କୌଣସି ଶ୍ରେଣୀରେ ଅଟକି ଯିବ ନାହିଁ କିମ୍ବା ବିଦ୍ୟାଳୟରୁ ବହିଷ୍କୃତ ହେବ ନାହିଁ।

କୌଣସି ଶ୍ରେଣୀରେ ରହିଯିବା ବା ବହିଷ୍କାର ମନା

17. (1) କୌଣସି ଶିଶୁକୁ ଶାରିରୀକ ଦଣ୍ଡ ବା ମାନସିକ ନିର୍ଯାତନା ଦିଆଯିବ ନାହିଁ ।

ଶିଶୁକୁ ଶାରିରୀକ ଦଣ୍ଡ ମାନସିକ ନିର୍ଯ୍ୟାତନା ଦିଆଯିବ ନାହିଁ

(2) ଉପ-ଧାରା (1) ର ବ୍ୟବସ୍ଥାଗୁଡ଼ିକୁ ଯିଏ ଉଲ୍ଲଂଘନ କରିବେ ସେହି ବ୍ୟକ୍ତିଙ୍କ ପ୍ରତି ପ୍ରଯୋଜ୍ୟ ଚାକିରି ନିୟମାବଳୀ ଅନୁସାରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

18. (1) ଉପଯୁକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିଷ୍ଠିତ, ସ୍ୱତ୍ତ୍ୱାଧୀନ ଏବଂ ନିୟନ୍ତ୍ରିତ ବିଦ୍ୟାଳୟଗୁଡ଼ିକ ବ୍ୟତୀତ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଧାରଣ କରାଯାଉଥିବା ଫର୍ମ ଏବଂ ଉପାୟରେ ଆବେଦନ କରି ତାଙ୍କଠାରୁ ସ୍ୱୀକୃତି ପ୍ରାପ୍ତିର ପ୍ରମାଣପତ୍ର ହାସଲ ନକରି କୌଣସି ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ନାହିଁ ବା କାର୍ଯ୍ୟ କରିବ ନାହିଁ ।

ସ୍ୱୀକୃତି ପ୍ରମାଣପତ୍ର ନପାଇ କୌଣସି ବିଦ୍ୟାଳୟ ପ୍ରତିଷ୍ଠା କରାଯିବ ନାହିଁ

(2) ଉପଧାରା (1) ରେ ବ୍ୟବସ୍ଥିତ କର୍ତ୍ତୃପକ୍ଷ; ନିର୍ଦ୍ଧାରିତ ଉପାୟ୍, ଫର୍ମ, ସମୟ୍ ଏବଂ ସର୍ତ୍ତ ଓ ନିୟ୍ମାବଳୀ ଅନୁସାରେ ସ୍ୱୀକୃତି ସପକ୍ଷରେ ପ୍ରମାଣପତ୍ର ପ୍ରଦାନ କରିବେ ।

ଯଦି ବିଦ୍ୟାଳୟ୍ ଧାରା 19 ରେ ନିର୍ଦ୍ଧାରିତ ସର୍ତ୍ତ ଓ ମାନ ରକ୍ଷା କରୁନଥାଏ ତେବେ ଏପରି କ୍ଷେତ୍ରରେ ସ୍ୱୀକୃତି ପ୍ରଦାନ କରାଯିବ ନାହିଁ ।

(3) ସ୍ୱୀକୃତି ଲାଭ ନିମିତ୍ତ ନିର୍ଦ୍ଧାରିତ ସର୍ତ୍ତାବଳୀ ଉଲ୍ଲଂଘନ କରୁଥିଲେ ସ୍ଥିରୀକୃତ କର୍ତ୍ତୃପକ୍ଷ ଏକ ଲିଖିତ ଆଦେଶନାମା ଜରିଆରେ ସ୍ୱୀକୃତି ପ୍ରତ୍ୟାହାର କରି ପାରିବେ ମାତ୍ର ଏହି ଆଦେଶନାମାରେ ସ୍ୱୀକୃତି ପ୍ରତ୍ୟାହାର କରାଗଲେ ଉକ୍ତ ବିଦ୍ୟାଳୟ୍ର ଛାତ୍ରଛାତ୍ରୀ ପାଖଆଖରେ କେଉଁ ବିଦ୍ୟାଳୟ୍ରେ ନାମ ଲେଖାଇବେ ସେ ସମ୍ପର୍କରେ ନିର୍ଦ୍ଦେଶ ଉଲ୍ଲିଖିତ ରହିବ ।

ପୁନଶ୍ଚ ଧାର୍ଯ୍ୟ କରାଯାଇଥିବା ପଦ୍ଧତି ଅନୁସାରେ କୌଣସି ବିଦ୍ୟାଳୟ୍ଠାରୁ ଶୁଣିବାକୁ ସୁଯୋଗ ନଦେଇ ସ୍ୱୀକୃତି ପ୍ରତ୍ୟାହାର କରାଯିବ ନାହିଁ ।

(4) ଉପ ଧାରା (3) ଅନୁସାରେ ସ୍ୱୀକୃତି ପ୍ରତ୍ୟାହାର ହେବା ଦିନଠାରୁ ଆଉ ଏହି ବିଦ୍ୟାଳୟ୍ କାର୍ଯ୍ୟ କରିପାରିବ ନାହିଁ ।

(5) କୌଣସି ବ୍ୟକ୍ତି ସ୍ୱୀକୃତି ପ୍ରମାଣ ପତ୍ର ନଥାଇ ବିଦ୍ୟାଳୟ୍ ପ୍ରତିଷ୍ଠା କଲେ ବା ଚଳାଇଲେ କିମ୍ବା ସ୍ୱୀକୃତି ପ୍ରତ୍ୟାହାର ପରେ ବିଦ୍ୟାଳୟ୍ ଚାଲୁ ରଖିଲେ ଅର୍ଥ ଦଣ୍ଡରେ ଦଣ୍ଡିତ ହେବେ ଯାହା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ ଏବଂ ବାରମ୍ବାର ଉଲ୍ଲଂଘନ କଲେ ଉଲ୍ଲଂଘନ କରୁଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପାଇଁ ଦଶ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡ ଦେବେ ।

19. (1) ଅନୁସୂଚୀରେ ନିର୍ଦ୍ଧାରିତ ସର୍ତ୍ତ ଓ ମାନ ରକ୍ଷା କରୁନଥିବା କୌଣସି ବିଦ୍ୟାଳୟ୍ ଖୋଲାଯାଇ ପାରିବ ନାହିଁ ବା ଉକ୍ତ ବିଦ୍ୟାଳୟ୍ମାନଙ୍କୁ ସ୍ୱୀକୃତି ଦିଆଯିବ ନାହିଁ। ବିଦ୍ୟାଳୟ୍ର ସର୍ତ୍ତ ଓ ମାନ

(2) ଏହି ଅଧିନିୟ୍ମ କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରତିଷ୍ଠିତ କୌଣସି ବିଦ୍ୟାଳୟ୍ ଅନୁସୂଚୀରେ ନିର୍ଦ୍ଧାରିତ ସର୍ତ୍ତ ପୂରଣ ଓ ମାନରକ୍ଷା କରୁନଥିଲେ ଉକ୍ତ ବିଦ୍ୟାଳୟ୍ ନିଜ ଖର୍ଚ୍ଚରେ ଅଧିନିୟ୍ମ କାର୍ଯ୍ୟକାରୀ ହେବା ତାରିଖ ଠାରୁ ତିନିବର୍ଷ ମଧ୍ୟରେ ଉକ୍ତ ସର୍ତ୍ତାବଳୀ ପୂରଣ କରିବାକୁ ଓ ମାନରକ୍ଷା କରିବାକୁ ପଦକ୍ଷେପ ନେବେ।

(3) ଉପଧାରା 2 ଅନୁସାରେ ବିବୃତ୍ତ ସମୟସୀମା ମଧ୍ୟରେ ସର୍ତ୍ତପୂରଣ ଓ ମାନରକ୍ଷା କରିବାରେ ବିଫଳ ହୋଇଥିବା ବିଦ୍ୟାଳୟଗୁଡ଼ିକ କ୍ଷେତ୍ରରେ ଧାରା 18 ଅନ୍ତର୍ଗତ ଉପଧାରା (1) ରେ ଦର୍ଶାଯାଇଥିବା କର୍ତ୍ତୃପକ୍ଷ ଉକ୍ତ ଧାରାର ଉପଧାରା 3 ରେ କୁହାଯାଇଥିବା ପଦ୍ଧତି ଅନୁସାରେ ଅନୁରୂପ ବିଦ୍ୟାଳୟଗୁଡ଼ିକୁ ଦିଆଯାଇଥିବା ସ୍ୱୀକୃତି ପ୍ରତ୍ୟାହାର କରିବେ।

(4) ଉପଧାରା 3 ଅନୁସାରେ ସ୍ୱୀକୃତି ପ୍ରତ୍ୟାହୃତ ହୋଇଥିବା କୌଣସି ବିଦ୍ୟାଳୟ ଆଉ ଚାଲି ପାରିବ ନାହିଁ।

(5) ସ୍ୱୀକୃତି ପ୍ରତ୍ୟାହାର ହେଲା ପରେ ଯଦି କୌଣସି ବ୍ୟକ୍ତି ଉକ୍ତ ବିଦ୍ୟାଳୟକୁ ଚଳାନ୍ତି ତେବେ ତାଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ ଓ ଉକ୍ତ ଦଣ୍ଡର ପରିମାଣ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇପାରେ ଏବଂ ନିରନ୍ତର ଉଲ୍ଲଂଘନ କରାଯାଉଥିବା କ୍ଷେତ୍ରରେ ଉଲ୍ଲଂଘନ ସମୟାନ୍ତର୍ଗତ ପ୍ରତ୍ୟେକ ଦିନ ପାଇଁ ଦଶହଜାର ଟଙ୍କା ଲେଖା ଜୋରିମାନା ଧାର୍ଯ୍ୟ କରାଯିବ।

ଅନୁସୂଚୀରେ ସଂଶୋଧନ କ୍ଷମତା

20. କେନ୍ଦ୍ର ସରକାର ଏକ ବିଜ୍ଞପ୍ତି ଜରିଆରେ ବିବୃତ୍ତ ଅନୁସୂଚୀକୁ ତହିଁରେ ଯୋଗ କରି ବା ତହିଁରୁ ବାଦ ଦେଇ ପରିବର୍ତ୍ତନ କରି ପାରିବେ।

ବିଦ୍ୟାଳୟ ପରିଚାଳନା ସମିତି

21. (1) ଧାରା 2 ଖଣ୍ଡ (n) ଅନ୍ତର୍ଗତ ଉପଖଣ୍ଡ (IV)ରେ ନିର୍ଦ୍ଧାରିତ ହୋଇଥିବା ବିଦ୍ୟାଳୟଗୁଡ଼ିକ ବ୍ୟତୀତ ଅନ୍ୟ ପ୍ରତ୍ୟେକ ବିଦ୍ୟାଳୟରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କର ନିର୍ବାଚିତ ପ୍ରତିନିଧି, ଉକ୍ତ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କର ପିତାମାତା, ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ଗୋଟିଏ ଲେଖା ପରିଚାଳନା କମିଟି ଗଠିତ ହେବ।

ଯେପରି ଉକ୍ତ କମିଟିର ଅନ୍ୟୂନ ତିନି ଚତୁର୍ଥାଂଶ ସଦସ୍ୟ ଛାତ୍ରଛାତ୍ରୀମାନଙ୍କର ପିତାମାତା ବା ଅଭିଭାବକ ରହିବେ।

ଯେପରି ଦୁର୍ବଳ ଶ୍ରେଣୀ ଓ ସୁବିଧା ଭୋଗରୁ ବଞ୍ଚିତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟାନୁପାତରେ ସେମାନଙ୍କ ବାପା, ମା ଏହି କମିଟିର ସଭ୍ୟ ରହିବେ।

ଯେପରି ଉକ୍ତ କମିଟିର ପଞ୍ଚାଶ ପ୍ରତିଶତ ସଭ୍ୟ ମହିଳା ହୋଇଥିବେ।

2. ବିଦ୍ୟାଳୟ ପରିଚାଳନା କମିଟି ନିମ୍ନଲିଖିତ କର୍ତ୍ତବ୍ୟ ସମ୍ପାଦନ କରିବ। ଯଥା-

(କ) ବିଦ୍ୟାଳୟର କାର୍ଯ୍ୟଧାରାକୁ ସଂଚାଳିତ କରିବ।

(ଖ) ବିଦ୍ୟାଳୟର ବିକାଶ ଯୋଜନା ପ୍ରସ୍ତୁତ କରିବ ଓ ସୁପାରିଶ କରିବ।

(ଗ) ଉପଯୁକ୍ତ ସରକାର କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ ବା ଅନ୍ୟ କୌଣସି ସୂତ୍ରରୁ ପାଇଥିବା ଆର୍ଥିକ ଅନୁଦାନର ଉପଯୁକ୍ତ ଉପଯୋଗ କରାଇବ ଏବଂ

(ଘ) ବ୍ୟବସ୍ଥିତ କରାଯାଇଥିବା ଅନ୍ୟାନ୍ୟ କାର୍ଯ୍ୟାବଳୀ ସମ୍ପାଦନ କରିବ।

ବିଦ୍ୟାଳୟ ବିକାଶ ଯୋଜନା

22. (1) ଧାରା 21 ଅଧୀନସ୍ଥ ଉପଧାରା 1 ଅନୁଯାୟୀ ଗଠିତ ପ୍ରତ୍ୟେକ ବିଦ୍ୟାଳୟ ପରିଚାଳନା କମିଟି ବିଦ୍ୟାଳୟ ବିକାଶ ଯୋଜନା ବ୍ୟବସ୍ଥିତ ପଦ୍ଧତିରେ ପ୍ରସ୍ତୁତ କରିବ।

(2) ଉପଧାରା 1 ଅଧୀନସ୍ଥ ବ୍ୟବସ୍ଥା ଅନୁଯାୟୀ ପ୍ରସ୍ତୁତ ବିଦ୍ୟାଳୟ ବିକାଶ ଯୋଜନା ଉପଯୁକ୍ତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷ, ଯେଉଁ ସ୍ଥଳରେ ଯିଏ, ଦେଉଥିବା ଅନୁଦାନ ଓ କରୁଥିବା ଯୋଜନାର ମୂଳାଧାର ହେବ।

ଶିକ୍ଷକ ନିଯୁକ୍ତି ନିମିତ୍ତ ଯୋଗ୍ୟତା ଓ ଚାକିରୀ ସର୍ତ୍ତାବଳୀ

23. (1)କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞାପନ ମାଧ୍ୟମରେ କ୍ଷମତା ପ୍ରାପ୍ତ ଏକାଡେମିକ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ ସର୍ବନିମ୍ନ ଯୋଗ୍ୟତା ଥିବା ବ୍ୟକ୍ତି ଶିକ୍ଷକ ରୂପେ ନିଯୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ।

(2) ଯଦି କୌଣସି ରାଜ୍ୟରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଯଥେଷ୍ଟ ସଂଖ୍ୟକ ଅନୁଷ୍ଠାନ ନଥାଏ କିମ୍ବା ଉପଧାରା (1) ଅଧୀନରେ ବିବୃତ୍ତ ସର୍ବନିମ୍ନ ଯୋଗ୍ୟତା ଥିବା ଶିକ୍ଷକ ଯଦି ଯଥେଷ୍ଟ ସଂଖ୍ୟାରେ ନମିଳନ୍ତି ତେବେ କେନ୍ଦ୍ର ସରକାର ଆବଶ୍ୟକ ମନେକଲେ ଏକ ବିଜ୍ଞପ୍ତି ଜରିଆରେ ଶିକ୍ଷକ ନିଯୁକ୍ତି ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତାକୁ କୋହଳ କରିପାରିବେ ମାତ୍ର ସର୍ବାଧିକ ପାଞ୍ଚ ବର୍ଷ ଭିତରେ ଏକ ସମୟ ସ୍ଥିର କରିବେ ଯାହା ଉକ୍ତ ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ କରାଯାଇଥିବ।

ପୁନଶ୍ଚ ଏହି ଅଧିନିୟମ ଆରମ୍ଭ ହେଲା ତାରିଖରେ ଉପଧାରା (1)ରେ ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ନଥିବା ଶିକ୍ଷକ ସର୍ବାଧିକ ପାଞ୍ଚ ବର୍ଷ ମଧ୍ୟରେ ଉକ୍ତ ଆବଶ୍ୟକୀୟ ଯୋଗ୍ୟତା ହାସଲ କରିବେ।

(3) କରାଯାଇଥିବା ବ୍ୟବସ୍ଥା ଅନୁସାରେ ଶିକ୍ଷକଙ୍କୁ ଦରମା ଓ ଭତ୍ତା ପ୍ରଦାନ କରାଯିବ ଓ ଚାକିରୀର ସର୍ତ୍ତାବଳୀ ପାଳନ କରାଯିବ।

ଶିକ୍ଷକମାନଙ୍କର କର୍ତ୍ତବ୍ୟ ଓ ଆପତ୍ତି ଅଭିଯୋଗର ପ୍ରତି ବିଧାନ

24. (1) ଧାରା 23 ର ଉପଧାରା (1) ଅଧୀନରେ ନିଯୁକ୍ତ ହୋଇଥିବା ଜଣେ ଶିକ୍ଷକ ନିମ୍ନଲିଖିତ କର୍ତ୍ତବ୍ୟ ସମ୍ପାଦନ କରିବେ ଯଥା :-

(a) ବିଦ୍ୟାଳୟକୁ ଯିବାରେ ନିୟମିତତା ଓ ସମୟାନୁବର୍ତ୍ତିତା ରକ୍ଷାକରିବା

(b) ଧାରା 29 ର ଉପଧାରା (2) ବ୍ୟବସ୍ଥା ଅନୁଯାୟୀ ପାଠ୍ୟକ୍ରମ ପରିଚାଳନା କରିବା ସହ ସମ୍ପୂର୍ଣ୍ଣ କରିବା ।

(c) ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବା

(d) ପ୍ରତ୍ୟେକ ଛାତ୍ରର ଶିକ୍ଷା ଗ୍ରହଣ ସାମର୍ଥ୍ୟ ଆକଳନ କରିବା ସହିତ ଅନୁରୂପ ଭାବରେ ଆଉ ଅନ୍ୟ କିଛି ଅଧିକା ପ୍ରଶିକ୍ଷଣର ଆବଶ୍ୟକତା ଆକଳନ କରିବା ।

(e) ନିୟମିତ ଭାବରେ ବାପା ମା ଏବଂ ଅଭିଭାବକଙ୍କୁ ଭେଟି ଶିଶୁର ଶିକ୍ଷା ଗ୍ରହଣ ସାମର୍ଥ୍ୟ, ବିଦ୍ୟାଳୟ ଉପସ୍ଥାନରେ ନିୟମିତତା, ଶିକ୍ଷାଲାଭର ଅଗ୍ରଗତି ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟ ଜଣାଇବା ଏବଂ

(f) ଦିଆଯାଉଥିବା ଅନ୍ୟାନ୍ୟ କର୍ତ୍ତବ୍ୟ ସମ୍ପାଦନ କରିବା ।

(2) ଉପଧାରା (1) ରେ ନିର୍ଦ୍ଦିଷ୍ଟ କରାଯାଇଥିବା କର୍ତ୍ତବ୍ୟ ସମ୍ପାଦନରେ ଯେଉଁ ଶିକ୍ଷକ ଅବହେଳା କରିବେ ତାଙ୍କ ବିରୁଦ୍ଧରେ ଚାକିରୀ ନିୟମ ଅଧୀନରେ ପ୍ରଯୋଜ୍ୟ ଶୃଙ୍ଖଳାଗତ ଶାସ୍ତିବିଧାନ କରାଯିବ। ଅଧିକନ୍ତୁ ଏପରି ଶୃଙ୍ଖଳାଗତ ଶାସ୍ତି ବିଧାନ କରାଯିବା ପୂର୍ବରୁ ଉକ୍ତ ଶିକ୍ଷକଙ୍କୁ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିବାପାଇଁ ଯୁକ୍ତିଯୁକ୍ତ ସୁଯୋଗ ଦିଆଯିବ ।

(3) ଶିକ୍ଷକଙ୍କର ଆପତ୍ତି ଅଭିଯୋଗ ଯଦି କିଛି ଥାଏ ତେବେ ତାହାକୁ ବ୍ୟବସ୍ଥିତ ଉପାୟରେ ପ୍ରତିବିଧାନ କରାଯିବ

25.(1) ଏହି ଅଧିନିୟମ ଆରମ୍ଭ ହେବା ଦିନଠାରୁ ଛ`ମାସ ମଧ୍ୟରେ ଉପଯୁକ୍ତ ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଏହା ନିଶ୍ଚିତ କରିବେ ଯେ ବିଦ୍ୟାଳୟରେ ଅନୁସୂଚୀ ନିର୍ଦ୍ଧାରଣ ମୁତାବକ ଛାତ୍ର-ଶିକ୍ଷକ ଅନୁପାତ ରକ୍ଷା କରାଯାଇଅଛି ।

(2) ଉପଧାରା (1) ର ଅଧୀନରେ ଛାତ୍ର-ଶିକ୍ଷକ ଅନୁପାତ ବଜାୟ ରଖିବାପାଇଁ ଧାରା 27 ରେ ନିର୍ଦ୍ଦିଷ୍ଟ କରାଯାଇଥିବା କାର୍ଯ୍ୟାବଳୀ ବ୍ୟତୀତ ଗୋଟିଏ ବିଦ୍ୟାଳୟରେ ସ୍ଥାନିତ ହୋଇଥିବା ଶିକ୍ଷକଙ୍କୁ ଏହି ବିଦ୍ୟାଳୟ ଛଡ଼ା ଅନ୍ୟ ବିଦ୍ୟାଳୟରେ କିମ୍ବା କାର୍ଯ୍ୟାଳୟରେ ଚାକିରୀ କରିବାକୁ ଦିଆଯିବ ନାହିଁ କିମ୍ବା ଅଣଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ ।

26. ଉପଯୁକ୍ତ ସରକାର କିମ୍ବା ସ୍ଥାନୀୟ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱତ୍ତ୍ୱାଧୀନ, ନିୟ୍ନ୍ତ୍ରିତ, ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପାଣ୍ଠି ଯୋଗାଇ ଉଲ୍ଲେଖଯୋଗ୍ୟ ଅର୍ଥ ପ୍ରଦାନ କରିଥିବା କ୍ଷେତ୍ରରେ ନିଯୁକ୍ତି ଦେଇଥିବା କର୍ତ୍ତୃପକ୍ଷ ନିଶ୍ଚିତ କରିବେ ଯେ ମଂଜୁର ହୋଇଥିବା ପଦ ସଂଖ୍ୟା ଠାରୁ ସର୍ବାଧିକ ଦଶ ଶତାଂଶ ଶିକ୍ଷକ ପଦବୀ ଖାଲି ପଡ଼ିନାହିଁ।

27. ଦଶବର୍ଷୀୟ୍ ଜନଗଣନା, ବିପର୍ଯ୍ୟୟ୍ ପ୍ରଶମନ କାର୍ଯ୍ୟ କିମ୍ବା ସ୍ଥାନୀୟ୍ ସଂସ୍ଥା ନିମିତ୍ତ ବା ରାଜ୍ୟ ବିଧାନ ସଭା ବା ସଂସଦ ଆଦି ନିମନ୍ତେ ନିର୍ବାଚନ ଦାୟ୍ତ୍ୱି ବ୍ୟତୀତ ଅନ୍ୟ କୌଣସି ଅଣଶିକ୍ଷାଦାନ କାର୍ଯ୍ୟରେ କୌଣସି ଶିକ୍ଷକଙ୍କୁ ନିୟୋଜିତ କରାଯିବ ନାହିଁ।

28. କୌଣସି ଶିକ୍ଷକ ଘରୋଇ ଟିଉସନ ବା ଘରୋଇ ଶିକ୍ଷାଦାନ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରିବେ ନାହିଁ।

## ପଞ୍ଚମ ଅଧ୍ୟାୟ

## ପାଠ୍ୟକ୍ରମ ଓ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ

29 (1). ଉପଯୁକ୍ତ ସରକାରଙ୍କ ଦ୍ୱାରା ଏକ ବିଜ୍ଞପ୍ତି ଆଧାରରେ ନିର୍ଦ୍ଦିଷ୍ଟ କରାଯାଇଥିବା ଏକାଡେମିକ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାଥମିକ ଶିକ୍ଷା ସଂକ୍ରାନ୍ତୀୟ ପାଠ୍ୟକ୍ରମ ଓ ମୂଲ୍ୟାୟନ ପଦ୍ଧତି ପ୍ରବର୍ତ୍ତିତ ହେବ। ପାଠ୍ୟକ୍ରମ ଓ ମୂଲ୍ୟାୟନ ପଦ୍ଧତି

(2) ଏକାଡେମିକ୍ କର୍ତ୍ତୃପକ୍ଷ ଉପଧାରା (1) ଅନୁସାରେ ପାଠ୍ୟକ୍ରମ ଓ ମୂଲ୍ୟାୟନ ପଦ୍ଧତି ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ବିଷୟଗୁଡ଼ିକୁ ବିଚାରକୁ ନେବେ। ଯଥା-

(a) ସମ୍ବିଧାନରେ ପ୍ରତିଷ୍ଠିତ ହୋଇଥିବା ମୂଲ୍ୟବୋଧ

(b) ଶିଶୁର ସର୍ବାଙ୍ଗୀନ ବିକାଶ

(c) ଶିଶୁର ଜ୍ଞାନବର୍ଦ୍ଧନ ସହିତ ଅନ୍ତର୍ନିହିତ ଶକ୍ତି ଓ ପ୍ରତିଭାର ଅଭିବୃଦ୍ଧି ସାଧନ।

(d) ଉଭୟ ମାନସିକ ଓ ଶାରୀରିକ ଦକ୍ଷତାର ପୂର୍ଣ୍ଣତମ ବିକାଶ ସାଧନ।

(e) ଶିଶୁ ସୁଲଭ ଓ ଶିଶୁ କୈନ୍ଦ୍ରିକ ପଦ୍ଧତିରେ ବିଭିନ୍ନ କାର୍ଯ୍ୟକ୍ରମ, ଆବିଷ୍କାର ଓ ଅନୁସନ୍ଧାନମୂଳକ ଉପାୟରେ ଶିକ୍ଷାଲାଭ କରିବା।

(f) ଶିକ୍ଷା ଦାନର ମାଧ୍ୟମ ଯଥା ସମ୍ଭବ ଶିଶୁର ମାତୃଭାଷା ହେବ।

(g) ଶିଶୁକୁ ନିର୍ଭୟ, ଉଦ୍‌ବେଗ ଏବଂ ମାନସିକ ଚାପରୁ ମୁକ୍ତ କରି ନିଃସଙ୍କୋଚରେ ନିଜର ମତାମତ ପ୍ରକାଶ କରିବାକୁ ଦେବା।

(h) ଶିଶୁଟିର ଜ୍ଞାନର ଅବବୋଧ ଏବଂ ଉକ୍ତ ଜ୍ଞାନକୁ ଉପଯୋଗ କରିବା ଦକ୍ଷତା ସମ୍ପର୍କରେ ସାମଗ୍ରିକ ଓ ନିରନ୍ତର ମୂଲ୍ୟାୟନ କରିବା।

30. (1) ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ନହେଲା ପର୍ଯ୍ୟନ୍ତ କୌଣସି ଛାତ୍ରକୁ କୌଣସି ବୋର୍ଡ ପରୀକ୍ଷା ପାସ୍ କରିବା ଦରକାର ହେବ ନାହିଁ। ପରୀକ୍ଷା ଏବଂ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରମାଣପତ୍ର

(2) ନିର୍ଦ୍ଧାରିତ ପ୍ରଣାଳୀ ଓ ଫର୍ମରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରୁଥିବା ପ୍ରତ୍ୟେକ ଶିଶୁକୁ ଗୋଟିଏ ପ୍ରମାଣପତ୍ର ଦେବାକୁ ହେବ।

## ଷଷ୍ଠ ଅଧ୍ୟାୟ

## ଶିଶୁମାନଙ୍କର ଅଧିକାର ସୁରକ୍ଷା

31 (1) ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧିନିୟମ 2005 (2006 ର 4 ଅଧିନିୟମ)ର ଧାରା 3 ଅଧୀନରେ ଗଠିତ ଶିଶୁ ଅଧିକାର ସୁରକ୍ଷା ପାଇଁ ଜାତୀୟ ଆୟୋଗ , ସ୍ଥଳାନ୍ତରେ, ଧାରା 17 ଅଧୀନରେ ଗଠିତ ଶିଶୁ ଅଧିକାର ସୁରକ୍ଷା ପାଇଁ ରାଜ୍ୟ ଆୟୋଗ , ଏହି ଅଧିନିୟମରେ ବ୍ୟବସ୍ଥିତ କର୍ତ୍ତବ୍ୟ ସମୂହ ସହିତ ନିମ୍ନଲିଖିତ କର୍ତ୍ତବ୍ୟଗୁଡ଼ିକୁ ମଧ୍ୟ ସମ୍ପାଦନ କରିବେ। ଯଥା-

(a) ଏହି ନିୟମ ଅଧୀନରେ ବା ଦ୍ୱାରା ବ୍ୟବସ୍ଥିତ ଅଧିକାର ରକ୍ଷା ନିମିତ୍ତ ପଦକ୍ଷେପଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରିବେ ଓ ସେଗୁଡ଼ିକର ସଫଳ କାର୍ଯ୍ୟକାରୀତା ସମ୍ପର୍କରେ ଆବଶ୍ୟକୀୟ ସୁପାରିସ କରିବେ।

(b) ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାଲାଭ ପାଇଁ ଶିଶୁ ଅଧିକାର ସକ୍ରାନ୍ତରେ ମିଳିଥିବା ଆପତ୍ତି ଅଭିଯୋଗର ତଦନ୍ତ କରିବେ ଏବଂ

(c) ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧିନିୟମର ଧାରା 15 ଏବଂ 24 ରେ ବିବୃତ ବ୍ୟବସ୍ଥା ଅନୁଯାୟୀ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ କରିବେ।

(2). ଉପଧାରା (1)ର ଖଣ୍ଡ (c) ଅନୁଯାୟୀ ଶିଶୁର ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ସଂକ୍ରାନ୍ତୀୟ ବିଷୟରେ ତଦନ୍ତ କରିବା ସମୟରେ ଉକ୍ତ ଆୟୋଗ , ଶିଶୁ ଅଧିକାର ସୁରକ୍ଷା ଆୟୋଗ ଯଥାକ୍ରମେ ଅଧିନିୟମର ଧାରା 14 ଏବଂ 24 ଦ୍ୱାରା ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା କ୍ଷମତା ଉପଯୋଗ କରିବେ।

(3) ଯେଉଁ ରାଜ୍ୟରେ ଶିଶୁ ଅଧିକାର ସୁରକ୍ଷା ପାଇଁ ରାଜ୍ୟ ଆୟୋଗ ଗଠିତ ହୋଇନାହିଁ ସେ କ୍ଷେତ୍ରରେ ଉପଯୁକ୍ତ ସରକାର ଉପଧାରା (1)ର ଖଣ୍ଡ (a) ଠାରୁ (c) ପର୍ଯ୍ୟନ୍ତ ନିର୍ଦ୍ଧାରିତ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ପଦ୍ଧତିରେ ଏବଂ ସେହି ସେହି ନିୟମ ଓ ସର୍ତ୍ତାବଳୀ ଅନୁସାରେ ଅନୁରୂପ କର୍ତ୍ତୃପକ୍ଷ ଗଠନ କରିବେ।

ଅଭିଯୋଗର ପ୍ରତିବିଧାନ

32 (1) ଧାରା 31ରେ ବିବୃତ କୌଣସି ବ୍ୟବସ୍ଥାକୁ ବିରୋଧ ନକରି ଯେ କୌଣସି ବ୍ୟକ୍ତି ଏହି ଅଧିନିୟମ ଅଧୀନରେ ଶିଶୁ ଅଧିକାର ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ ସଂପୃକ୍ତ ପରିସରରେ କର୍ତ୍ତୃତ୍ୱ ଥିବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିପାରିବେ।

(2) ଉପଧାରା (1) ଅଧୀନରେ ଲିଖିତ ଅଭିଯୋଗ ପାଇଲା ପରେ ସଂପୃକ୍ତ ପକ୍ଷମାନଙ୍କୁ ସେମାନଙ୍କର ବକ୍ତବ୍ୟ ଶୁଣାଇବାପାଇଁ ଯୁକ୍ତିଯୁକ୍ତ ସୁଯୋଗ ଦେଇ ସ୍ଥାନୀୟ କର୍ତ୍ତୃପକ୍ଷ ତିନିମାସ ସମୟ ଅବଧି ମଧ୍ୟରେ ଅଭିଯୋଗର ବିଷୟ ସମ୍ପର୍କରେ ନିଷ୍ପତ୍ତି ନେବେ।

33 (1) ପ୍ରାଥମିକ ଶିକ୍ଷା ଏବଂ ଶିଶୁ ବିକାଶ କ୍ଷେତ୍ରରେ ଜ୍ଞାନ ଓ ପ୍ରତ୍ୟକ୍ଷ ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଆବଶ୍ୟକ ସଂଖ୍ୟକ ସଦସ୍ୟଙ୍କୁ କେନ୍ଦ୍ର ସରକାର ଜାତୀୟ ଉପଦେଷ୍ଟା ପରିଷଦର ସଦସ୍ୟ ରୂପେ ଏକ ବିଜ୍ଞାପନ ଆଧାରରେ ନିଯୁକ୍ତି ଦେବେ ମାତ୍ର ସଦସ୍ୟମାନଙ୍କର ମୋଟ ସଂଖ୍ୟା 15 ଟପିବ ନାହିଁ। ଜାତୀୟ ଉପଦେଷ୍ଟା ପରିଷଦ ଗଠନ

(2) ଅଧିନିୟମରେ ପ୍ରବର୍ତ୍ତିତ ବ୍ୟବସ୍ଥାଗୁଡ଼ିକ ସଫଳ ଭାବରେ କାର୍ଯ୍ୟକାରୀ କରିବା ନିମିତ୍ତ କେନ୍ଦ୍ରସରକାରଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଜାତୀୟ ଉପଦେଷ୍ଟା ପରିଷଦର କର୍ତ୍ତବ୍ୟ।

(3) ଜାତୀୟ ଉପଦେଷ୍ଟା ପରିଷଦର ସଦସ୍ୟମାନଙ୍କ ନିଯୁକ୍ତିର ଅନ୍ୟାନ୍ୟ ସର୍ତ୍ତାବଳୀ ଓ ଭତ୍ତା ଇତ୍ୟାଦି ତଦନୁରୂପ ହେବ ଯେପରି ନିର୍ଦ୍ଧାରିତ ହେବ।

34 (1) ପ୍ରାଥମିକ ଶିକ୍ଷା ଏବଂ ଶିଶୁ ବିକାଶ କ୍ଷେତ୍ରରେ ଜ୍ଞାନ ଏବଂ ପ୍ରତ୍ୟକ୍ଷ ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଆବଶ୍ୟକ ସଂଖ୍ୟକ ସଦସ୍ୟଙ୍କୁ ରାଜ୍ୟ ସରକାର ଏକ ବିଜ୍ଞପ୍ତି ଆଧାରରେ ରାଜ୍ୟ ଉପଦେଷ୍ଟା ପରିଷଦର ସଦସ୍ୟ ରୂପେ ନିଯୁକ୍ତ କରିବେ, ମାତ୍ର ସଦସ୍ୟମାନଙ୍କର ମୋଟ ସଂଖ୍ୟା 15 ଟପିବ ନାହିଁ। ରାଜ୍ୟ ଉପଦେଷ୍ଟା ପରିଷଦ ଗଠନ

(2) ଅଧିନିୟମରେ ପ୍ରବର୍ତ୍ତିତ ବ୍ୟବସ୍ଥାଗୁଡ଼ିକୁ ସଫଳ ଭାବରେ କାର୍ଯ୍ୟକାରୀ କରିବା ନିମିତ୍ତ ରାଜ୍ୟସରକାରଙ୍କୁ ଉପଯୁକ୍ତ ପରାମର୍ଶ ଦେବା ରାଜ୍ୟ ଉପଦେଷ୍ଟା ପରିଷଦର କର୍ତ୍ତବ୍ୟ।

(3) ରାଜ୍ୟ ଉପଦେଷ୍ଟା ପରିଷଦର ସଦସ୍ୟମାନଙ୍କ ନିଯୁକ୍ତିର ଅନ୍ୟାନ୍ୟ ସର୍ତ୍ତାବଳୀ ଓ ଭତ୍ତା ଇତ୍ୟାଦି ନିର୍ଦ୍ଧାରଣ ମୁତାବକ ହେବ ।

## ସପ୍ତମ ଅଧ୍ୟାୟ

## ବିବିଧ

35 (1) ଏହି ଅଧିନିୟମରେ ବିବୃତ୍ତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ସରକାରଙ୍କୁ କିମ୍ବା ଦରକାର ମନେକଲେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଉଦ୍ଦେଶ୍ୟ କରି କେନ୍ଦ୍ର ସରକାର ଉଚିତ ମନେକରୁଥିବା ବିଭିନ୍ନ ମାର୍ଗ ନିର୍ଦ୍ଦେଶିକା ଏବଂ ନିର୍ଦ୍ଦେଶାବଳୀ ଜାରି କରିପାରିବେ। ନିର୍ଦ୍ଦେଶାବଳୀ ଜାରି କରିବାର କ୍ଷମତା

(2) ଏହି ଅଧିନିୟମରେ ବିବୃତ୍ତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ସମ୍ବନ୍ଧରେ ଉପଯୁକ୍ତ ରାଜ୍ୟ ସରକାର ଯଥାର୍ଥତା ଉପଲବ୍‌ଧି କଲେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ କିମ୍ବା ବିଦ୍ୟାଳୟ ପରିଚାଳନା କମିଟିକୁ ଉଦ୍ଦେଶ୍ୟକରି ମାର୍ଗ ନିର୍ଦ୍ଦେଶିକା ଜାରି କରିପାରିବେ ବା ଆବଶ୍ୟକ ନିର୍ଦ୍ଦେଶାବଳୀ ଦେଇପାରିବେ।

(3) ଏହି ଅଧିନିୟମରେ ବିବୃତ୍ତ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରୀତା ସମ୍ବନ୍ଧରେ ସ୍ଥାନୀୟ କର୍ତ୍ତୃପକ୍ଷ ବିଦ୍ୟାଳୟ ପରିଚାଳନା କମିଟିକୁ ମାର୍ଗନିର୍ଦ୍ଦେଶିକା ଏବଂ ଯଥାର୍ଥ ମନେ କରୁଥିବା ନିର୍ଦ୍ଦେଶାବଳୀ ଜାରି କରିପାରିବେ।

36. ଉପଯୁକ୍ତ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପୂର୍ବରୁ ମଞ୍ଜୁରୀ ନନେଇ ଧାରା 13 ର ଉପଧାରା(5), ଧାରା 18 ର ଉପଧାରା 5 ଏବଂ ଧାରା 19 ର ଉପଧାରା 5 ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ଦଣ୍ଡବିଧାନ କରାଯିବନାହିଁ। ଦଣ୍ଡବିଧାନ ପାଇଁ ପ୍ରାକ୍ ମଞ୍ଜୁରୀ

37. ଏହି ଅଧିନିୟମରେ କିମ୍ବା କୌଣସି ଧାରାରେ ବା ଉକ୍ତ ଅଧିନିୟମ ବା ଧାରା ଅଧୀନରେ ପ୍ରଦତ୍ତ ଆଦେଶନାମା ଅନୁଯାୟୀ ଉତ୍ତମ ବିଶ୍ୱାସରେ କରାଯାଇଥିବା ବା କରିବା ପାଇଁ ଭାବିଥିବା କାର୍ଯ୍ୟ ନିମନ୍ତେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଶିଶୁ ଅଧିକାର ସୁରକ୍ଷା ପାଇଁ ଗଠିତ ଜାତୀୟ ଆୟୋଗ ବା ରାଜ୍ୟ ଆୟୋଗ , ସ୍ଥାନୀୟ କର୍ତ୍ତୃପକ୍ଷ ବା ବିଦ୍ୟାଳୟ ପରିଚାଳନା କମିଟି ବା କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଆଇନଗତ କାର୍ଯ୍ୟାନୁଷ୍ଠାନ କରିପାରିବେ ନାହିଁ। ଉତ୍ତମ ବିଶ୍ୱାସରେ କାର୍ଯ୍ୟ ବିରୁଦ୍ଧରେ ଦଣ୍ଡବିଧାନ

38. (1) ଏହି ଅଧିନିୟମରେ ବିବୃତ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାପାଇଁ ଉପଯୁକ୍ତ ସରକାର ବିଜ୍ଞାପନ ଦେଇ ନିୟମ ପ୍ରଣୟନ କରିପାରିବେ। ନିୟମ କରିବା ପାଇଁ ଉପଯୁକ୍ତ ସରକାରଙ୍କର କ୍ଷମତା

(2) ପ୍ରଦତ୍ତ କ୍ଷମତାର ସାଧାରଣତା ପ୍ରତି କୌଣସି ପ୍ରତିବଦ୍ଧତା ପୋଷଣ ନକରି ନିର୍ଦ୍ଦିଷ୍ଟ ଭାବରେ ଏହି ପ୍ରଣୀତ ନିୟମଗୁଡ଼ିକ ନିମ୍ନରେ ପ୍ରଦତ୍ତ ସମସ୍ତ ବା କେତେକ ବିଷୟରେ ଆବଶ୍ୟକୀୟ ବ୍ୟବସ୍ଥା ପ୍ରଦାନ କରିବା, ଯଥାଃ-

(a) ଧାରା 4ର ପ୍ରଥମ ବ୍ୟବସ୍ଥା ଅନୁସାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ପାଇଁ ପଦ୍ଧତି ଓ ସମୟସୀମା ନିର୍ଦ୍ଧାରଣ ।

(b) ଧାରା 6 ଅଧୀନରେ ପାଖପଡ଼ିଶାରେ ବିଦ୍ୟାଳୟ ସ୍ଥାପନ ନିମିତ୍ତ ଅଞ୍ଚଳ ବା ସୀମା ନିର୍ଣ୍ଣୟ ।

(c) ଧାରା 9 ର ଖଣ୍ଡ (d) ଅଧୀନରେ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କର ବିବରଣୀ ରଖିବା ନିମନ୍ତେ ଅନୁସରଣୀୟ ପଦ୍ଧତି,

(d) ଧାରା 12 ଉପଧାରା 9 ଅଧୀନରେ କରାଯାଇଥିବା ଖର୍ଚ୍ଚ ଭରଣା କରିବା ସମ୍ପର୍କରେ ପଦ୍ଧତି ଓ ଖର୍ଚ୍ଚ ସୀମା

(e) ଧାରା 14 ଉପଧାରା (1) ଅଧୀନରେ ଗୋଟିଏ ଶିଶୁର ସଠିକ ବୟସ ନିର୍ଣ୍ଣୟ କରିବା ସଂକ୍ରାନ୍ତୀୟ ଅନ୍ୟ କୌଣସି ଦଲିଲ ପତ୍ର

(f) ଧାରା 15 ଅଧୀନରେ ନାମଲେଖା ପାଇଁ ସମୟ ବୃଦ୍ଧି ଓ ବର୍ଦ୍ଧିତ ସମୟ ପରେ ନାଁ ଲେଖାଇଥିବା ଶିଶୁଙ୍କର ଶିକ୍ଷା ସମ୍ପୂର୍ଣ୍ଣ କରିବାର ଉପାୟ

(g) ଧାରା 18 ର ଉପଧାରା (1) ଅଧୀନରେ ସ୍ୱୀକୃତି ପାଇଁ ଦରଖାସ୍ତ ଦେବା ପାଇଁ ଫର୍ମ, ପଦ୍ଧତି ଓ କର୍ତ୍ତୃପକ୍ଷ

(h) ଧାରା 18 ର ଉପଧାରା (2) ଅଧୀନରେ ସ୍ୱୀକୃତି ପ୍ରମାଣପତ୍ର ଜାରି କରିବାର ପଦ୍ଧତି ଓ ସର୍ତ୍ତାବଳୀ, ସମୟ ଏବଂ ତତ୍ ସମ୍ପୃକ୍ତ ଫର୍ମ

(i) ଧାରା 18 ର ଉପଧାରା (3) ଅଧୀନରେ ବିବୃତ୍ତ ଦ୍ୱିତୀୟ ବ୍ୟବସ୍ଥା ଅନୁଯାୟୀ ଶୁଣିବାର ସୁଯୋଗ ଦେବାର ପଦ୍ଧତି ।

(j) ଧାରା 23 ର ଉପଧାରା (3)ର ଖଣ୍ଡ (d) ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟିର ଅନ୍ୟାନ୍ୟ କର୍ତ୍ତବ୍ୟ

(k) ଧାରା 22 ଉପଧାରା (1) ଅନୁସାରେ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତିର ପଦ୍ଧତି ।

(l) ଧାରା 23 ଉପଧାରା (3) ଅଧୀନ ଶିକ୍ଷକମାନଙ୍କର ଚାକିରୀ ସର୍ତ୍ତାବଳୀ ଏବଂ ସେମାନଙ୍କୁ ଦିଆଯିବା ଦରମା ଓ ଭତ୍ତା ।

(m) ଧାରା 24 ଉପଧାରା (1)ର ଖଣ୍ଡ (f) ଅଧୀନରେ ଶିକ୍ଷକମାନଙ୍କ ଦ୍ୱାରା ସମ୍ପାଦିତ ହେବା କର୍ତ୍ତବ୍ୟ ସମୂହ ।

(n) ଧାରା 24 ଉପଧାରା (3) ଅଧୀନରେ ଶିକ୍ଷକମାନଙ୍କ ଅଭାବ ଅଭିଯୋଗର ପ୍ରତିବିଧାନ

(o) ଧାରା 30 ଉପଧାରା (2) ଅଧୀନରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ହେବା ସପକ୍ଷରେ ପ୍ରମାଣପତ୍ର ପ୍ରଦାନର ପଦ୍ଧତି ଓ ସେଥିନିମିତ୍ତ ନିର୍ଦ୍ଧାରିତ ଫର୍ମ।

(p) ଧାରା 31 ଉପଧାରା (3) ଅଧୀନରେ କର୍ତ୍ତୃପକ୍ଷ ଗଠନର ପଦ୍ଧତି ଓ ସେଥି ନିମିତ୍ତ ସର୍ତ୍ତାବଳୀ

(q) ଧାରା 33 ଉପଧାରା (3) ଅଧୀନରେ ଜାତୀୟ ଉପଦେଷ୍ଟା ପରିଷଦର ସଦସ୍ୟ ନିଯୁକ୍ତି ନିମିତ୍ତ ସର୍ତ୍ତାର୍ବଳୀ ତଥା ଭତ୍ତା ନିର୍ଦ୍ଧାରଣ।

(r) ଧାରା 34 ଉପଧାରା (3) ଅଧୀନରେ ରାଜ୍ୟ ଉପଦେଷ୍ଟା ପରିଷଦର ସଦସ୍ୟ ନିଯୁକ୍ତି ନିମିତ୍ତ ସର୍ତ୍ତାବଳୀ ଓ ଭତ୍ତା ନିର୍ଦ୍ଧାରଣ

3. ଏହି ଅଧିନିୟମ ଅଧୀନରେ ପ୍ରଣୟନ କରାଯାଇଥିବା ସମସ୍ତ ନିୟମ ଏବଂ ଏହି ଅଧିନିୟମର ଧାରା 20 ଏବଂ 23 ଅଧୀନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରତ୍ୟେକ ବିଜ୍ଞପ୍ତିକୁ ନିୟମ ପ୍ରଣୟନ ବା ବିଜ୍ଞପ୍ତି ଜାରି କରିବା ପରେ ପରେ ଯଦି ସଂସଦର ଅଧିବେସନ ବସୁଥାଏ ତେବେ ସଂସଦର ପ୍ରତ୍ୟେକ ଗୃହରେ ଉପସ୍ଥାପିତ କରାଯିବ । ଗୋଟିଏ କିମ୍ବା ଦୁଇଟି ବା କ୍ରମାନ୍ୱୟରେ ତତୋଧିକ ଅଧିକ ଅଧିବେଶନ ସମୁଦାୟ 30 ଦିନ ପାଇଁ ଚାଲିଥାଏ ତେବେ ଉପରେବର୍ଣ୍ଣିତ ସଂସଦ ଅଧିବେଶନର ଠିକ ପରବର୍ତ୍ତୀ ଅଧିବେଶନ ସମାପ୍ତ ହେବା ପୂର୍ବରୁ ବା ପରକୁ ପର ଅଧିବେଶନଗୁଡ଼ିକ ସରିବା ପୂର୍ବରୁ ଯଦି କୌଣସି ନିୟମ ବା ବିଜ୍ଞପ୍ତିରେ ପରିବର୍ତ୍ତନ କରିବା ପାଇଁ ଉଭୟ ଗୃହ ଏକମତ ହୁଅନ୍ତି ବା ଉଭୟ ଗୃହ ଏକମତ ହୁଅନ୍ତି ଯେ ଏପରି ନିୟମ ବା ବିଜ୍ଞାପନ କରାନଯିବା ଉଚିତ, ଆଲୋଚ୍ୟ ନିୟମ ବା ବିଜ୍ଞପ୍ତି ତଦୁପରାନ୍ତ କ୍ଷେତ୍ରାନୁଯାୟୀ କେବଳ ସେହି ପରିବର୍ତ୍ତିତ ରୂପରେ କାର୍ଯ୍ୟକାରୀ ହେବ ବା ଆଦୌ କାର୍ଯ୍ୟକାରୀ ହେବ ନାହିଁ। ଯାହାହେଉ, ଏହି ପରିବର୍ତ୍ତନ ବା ନିଷ୍କ୍ରିୟକରଣ ସଂପୃକ୍ତ ନିୟମ ଓ ବିଜ୍ଞପ୍ତି ଅନୁସାରେ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟର ବୈଧତା ବିରୁଦ୍ଧରେ ଯିବ ନାହିଁ।

4. ଏହି ଅଧିନିୟମ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ପ୍ରତ୍ୟେକ ନିୟମ ଓ ବିଜ୍ଞପ୍ତି ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ କରାଯିବ।

# ଅନୁସୂଚୀ
## (ଧାରା 19 ଏବଂ 24 ଦ୍ରଷ୍ଟବ୍ୟ)
## ବିଦ୍ୟାଳୟ୍ ପାଇଁ ସ୍ଥିରୀକୃତ ସର୍ତ୍ତ ଓ ମାନ

| କ୍ରମିକ ସଂଖ୍ୟା | ବିଷୟ୍ | ସର୍ତ୍ତ ଓ ମାନ | |
|---|---|---|---|
| 1 | ଶିକ୍ଷକମାନଙ୍କ ସଂଖ୍ୟା | ନାମଲେଖାଇଥିବା ଛାତ୍ର | ଶିକ୍ଷକଙ୍କ ସଂଖ୍ୟା |
| | (କ) ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ | ଷାଠିଏ ଜଣ ଛାତ୍ର ପର୍ଯ୍ୟନ୍ତ | ଦୁଇଜଣ |
| | | ଏକଷଠି ଠାରୁ ନବେ ମଧ୍ୟରେ | ତିନିଜଣ |
| | | ଏକାନବେରୁ ଶହେ କୋଡ଼ିଏ ମଧ୍ୟରେ | ଚାରି ଜଣ |
| | | ଶହେ ଏକୋଇଶିରୁ ଦୁଇଶହ ମଧ୍ୟରେ | ପାଞ୍ଚ ଜଣ |
| | | ଏକଶହ ପଚାଶରୁ ଉର୍ଦ୍ଧ୍ୱ ଶିଶୁଙ୍କ ପାଇଁ | ଯୁକ୍ତ ଜଣେ ପ୍ରଧାନ ଶିକ୍ଷକ |
| | | ଦୁଇ ଶହରୁ ଉର୍ଦ୍ଧ୍ୱ ଶିଶୁ | ପ୍ରଧାନ ଶିକ୍ଷକଙ୍କୁ ଛାଡ଼ି ଛାତ୍ର-ଶିକ୍ଷକ ଅନୁପାତ ଚାଳିଶିରୁ ଅଧିକ ହେବନାହିଁ |
| | (ଖ) ଷଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପାଇଁ | 1. ଅତି କମରେ ପ୍ରତି ଶ୍ରେଣୀ ପାଇଁ ଜଣେ ଲେଖା ଶିକ୍ଷକ ଯେପରି (ପ୍ରତି ବିଷୟ୍‌ରେ) ଅନ୍ୟୂନ ଜଣେ ଲେଖାଏଁ ଶିକ୍ଷକ<br>(i) ବିଜ୍ଞାନ ଓ ଗଣିତ<br>(ii) ସାମାଜିକ ପାଠ<br>(iii) ଭାଷା | |
| | | 2. ପ୍ରତି ପଞ୍ଚତ୍ରିଂଶ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବନିମ୍ନ ଜଣେ ଶିକ୍ଷକ | |
| | | 3. ଯେଉଁଠାରେ ଏକ ଶହରୁ ଉର୍ଦ୍ଧ୍ୱ ସଂଖ୍ୟାକ ଛାତ୍ରଙ୍କର ନାମ ଲେଖାଯାଇଅଚ୍ଛି ସେଠାରେ<br>(i) ଜଣେ ପୂର୍ଣ୍ଣ ସମୟ୍ ପାଇଁ ପ୍ରଧାନ ଶିକ୍ଷକ<br>(ii) ସାମୟିକ ପ୍ରଶିକ୍ଷକ<br>(a) କଳା ଶିକ୍ଷା ପାଇଁ<br>(b) ସ୍ୱାସ୍ଥ୍ୟ ଓ ବ୍ୟାୟାମ ଶିକ୍ଷା<br>(c) କର୍ମ ଶିକ୍ଷା | |
| 2 | କୋଠାବାଡ଼ି | ସବୁ ପାଗ ପାଇଁ ଉପଯୋଗୀ କୋଠାବାଡ଼ି ନିମ୍ନ କକ୍ଷଗୁଡ଼ିକ ଥାଇ<br>(i) ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଅନ୍ୟୂନ ଗୋଟିଏ ଶ୍ରେଣୀ କକ୍ଷ ଏବଂ କାର୍ଯ୍ୟାଳୟ୍-ଭଣ୍ଡାର-ପ୍ରଧାନ ଶିକ୍ଷକଙ୍କ କୋଠରୀ<br>(ii) ନିର୍ବିଘ୍ନ ଯାତାୟ୍ତର ବ୍ୟବସ୍ଥା<br>(iii) ପୁଅ ଏବଂ ଝିଅଙ୍କ ପାଇଁ ପୃଥକ ଶୌଚାଳୟ୍<br>(iv) ପ୍ରତ୍ୟେକ ଶିଶୁଙ୍କ ପାଇଁ ଯଥେଷ୍ଟ ଓ ନିରାପଦ ପାନୀୟ୍ ଜଳର ସୁବିଧା<br>(v) ବିଦ୍ୟାଳୟ୍ ପାଇଁ ମଧ୍ୟାହ୍ନ ଭୋଜନ ରନ୍ଧା ହେଉଥିଲେ ଗୋଟିଏ ରୋଷେଇ ଘର<br>(vi) ଖେଳ ପଡ଼ିଆ | |

| | | |
|---|---|---|
| 3. | ଗୋଟିଏ ଶିକ୍ଷାବର୍ଷରେ ସର୍ବନିମ୍ନ ସଂଖ୍ୟକ କାର୍ଯ୍ୟକାରୀ ଦିବସ / ପାଠପଢ଼ା ଘଣ୍ଟା | (i) ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଶହ କାର୍ଯ୍ୟ ଦିବସ<br>(ii) ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଶହ କୋଡ଼ିଏ କାର୍ଯ୍ୟ ଦିବସ<br>(iii) ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଆଠଶହ ପାଠପଢ଼ା ଘଣ୍ଟା ପ୍ରତି ଶିକ୍ଷାବର୍ଷରେ<br>(iv) ପ୍ରତି ଶିକ୍ଷା ବର୍ଷରେ ଷଷ୍ଠ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକ ହଜାର ପାଠପଢ଼ା ଘଣ୍ଟା |
| 4. | ଶିକ୍ଷକଙ୍କ ପାଇଁ ସପ୍ତାହକୁ ସର୍ବନିମ୍ନ ସଂଖ୍ୟକ କାର୍ଯ୍ୟଘଣ୍ଟା | ପ୍ରସ୍ତୁତି ସହ ପଢ଼ାଇବା ପାଇଁ ପଇଁଚାଳିଶି ଘଣ୍ଟା |
| 5. | ଶିକ୍ଷା ଦାନ ଓ ଶିକ୍ଷାର୍ଜନ ସରଞ୍ଜାମ | ଆବଶ୍ୟକତା ମୁତାବକ ପ୍ରତି ଶ୍ରେଣୀକୁ ଯୋଗାଇ ଦିଆଯିବ |
| 6. | ଗ୍ରନ୍ଥାଗାର | ସମ୍ବାଦପତ୍ର, ପତ୍ର ପତ୍ରିକା ତଥା ଗଳ୍ପ ପୁସ୍ତକ ସହିତ ସମସ୍ତ ବିଷୟର ବହି ଯୋଗାଇ ଦେବାପାଇଁ ପ୍ରତି ବିଦ୍ୟାଳୟରେ ଗ୍ରନ୍ଥାଗାର ରହିବ। |
| 7. | କ୍ରୀଡ଼ା ସାମଗ୍ରୀ, ଖେଳକୁଦ ପାଇଁ ସରଞ୍ଜାମ | ପ୍ରତି ଶ୍ରେଣୀକୁ ଆବଶ୍ୟକତା ଅନୁସାରେ ଯୋଗାଇ ଦିଆଯିବ |

ସ୍ୱା/- ଟି.କେ. ବିଶ୍ୱନାଥନ
କେନ୍ଦ୍ର ସରକାରଙ୍କ ଶାସନ ସଚିବ